୬ ଗିଲ୍-ବଟ୍ଲରଙ୍କ ଅର୍ଦ୍ଧଶତକ : ଲକ୍ଷ୍ନୌ ବିପକ୍ଷରେ ଗୁଜରାଟର ସହଜ ବିଜୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୭୩ ● ୧୩ ଅପ୍ରେଲ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-73 ● 13th April 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

Government of Bharat

CBC 22201/13/0009/2627

ନାରୀ ଶକ୍ତି ବନ୍ଦନ
ପ୍ରତି ସମର୍ପିତ
#NariShaktiVandan

ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



ଏବେ ସେନାବାହିନୀରେ ମହିଳାମାନଙ୍କୁ ସ୍ଥାୟୀ କମିଶନ

ଭାରତରେ ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରୁ ୪୮% ଷ୍ଟାର୍ଟଅପରେ ଅତିକମରେ ଜଣେ ମହିଳା ନିର୍ଦ୍ଦେଶକ

### ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି

## ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସୃଜନଶୀଳତାରେ ଗୁରୁତ୍ୱ ଦେବାକୁ ପରାମର୍ଶ

**କେନ୍ଦୁଝର, ୧୨।୪**
**ନ୍ୟୁଜ୍**



ବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର। ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ, ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ରବିବାର କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ।

ଏହି ଅବସରରେ ସେ କହିଥିଲେ ଯେ ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି। ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ସେ କହିଥିଲେ।

ସେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ। ଆଜିର ପ୍ରତିସ୍ପର୍ଦ୍ଧାମୂଳକ ଯୁଗରେ ପାଠ୍ୟଜ୍ଞାନ ସହିତ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ। ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅନାବଶ୍ୟକ କାର୍ଯ୍ୟରୁ ଦୂରରେ ରହି ଲକ୍ଷ୍ୟମୁଖୀ ହେବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଏକ ନୂତନ ଅଡିଟୋରିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । *(ପୃଷ୍ଠା ୭ରେ)*

### ଇସ୍‌ଲାମାବାଦରେ ଶାନ୍ତି ଆଲୋଚନା ବିଫଳ

## ଇରାନ ସହ ଆମେରିକାର ହୋଇପାରିଲାନି ବୁଝାମଣା

**ଇସଲାମବାଦ, ୧୨।୪**



ଆମେରିକା ଓ ଇରାନ ମଧ୍ୟରେ ଇସଲାମବାଦ ଶାନ୍ତି ଆଲୋଚନା ବିଫଳ ହୋଇଛି। ଉଭୟ ଦେଶର ପ୍ରତିନିଧିମଣ୍ଡଳ ମଧ୍ୟରେ ପ୍ରାୟ ୨୧ ଘଣ୍ଟା ଧରି ଆଲୋଚନା ଚାଲିଥିଲା। ଆମେରିକୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ କରୁଥିବା ଉପରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନରୁ ନିଜ ଦେଶକୁ ଫେରିଯାଇଛନ୍ତି। ପୂର୍ବରୁ କୁହାଯାଇଥିଲା ଯେ ଆଜି ମଧ୍ୟ ଆଲୋଚନା ହେବ। ଆମେରିକାକୁ ଫେରିବା ପୂର୍ବରୁ ଭାନ୍ସ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଖରାପ ଖବର ହେଲା ଯେ ଆମେ କୌଣସି ସମ୍ମତିରେ ପହଞ୍ଚି ପାରିଲୁ ନାହିଁ। ତାଙ୍କ ଦୃଷ୍ଟିରେ ଏହା ଆମେରିକାଠାରୁ ଇରାନ ପାଇଁ ଅଧିକ ଖରାପ ଖବର। *(ପୃଷ୍ଠା ୭ରେ)*

## ଅଦିନିଆ ରଥଯାତ୍ରା ରୋକିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଗଜପତି ମହାରାଜା

**ପୁରୀ, ୧୨।୪**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱର ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ରୋକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ଗଜପତି ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ବିହିତ ପଦକ୍ଷେପ ପାଇଁ ଅବଗତ କରାଇଛନ୍ତି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶନିବାର ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ 'ଐକ୍ୟ ସ୍ଥାପନା ମଣ୍ଡଳୀ'ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଗୋଟିଏ ତିଥିରେ *(ପୃଷ୍ଠା ୭ରେ)*

## ଆଶା ଭୋଁସଲେଙ୍କ ପରଲୋକ : ସାରା ଦେଶରେ ଶୋକର ଲହରୀ

**ମୁମ୍ବାଇ, ୧୨।୪**



ଭାରତୀୟ ସଙ୍ଗୀତ ଶିଳ୍ପର ପ୍ରସିଦ୍ଧ ପ୍ଲେବ୍ୟାକ୍ ଗାୟିକା ଆଶା ଭୋଁସଲେଙ୍କର ୯୨ ବର୍ଷ ବୟସରେ ପରଲୋକ ହୋଇଛି। ସେ ରବିବାର ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବା ପରେ ଶନିବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସେ ଜରୁରୀକାଳୀନ ଚିକିତ୍ସା ସେବା ୟୁନିଟରେ ଚିକିତ୍ସାଧୀନ ଥିଲେ। ବିଶ୍ୱବ୍ୟାପୀ ପ୍ରଶଂସକମାନେ ଆଶା ଭୋଁସଲେଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଥିଲେ, କିନ୍ତୁ ରବିବାର ଏହି ମହାନ ସ୍ୱର ନୀରବ ହୋଇଯାଇଛି। ତାଙ୍କ ପୁଅ ଆନନ୍ଦ ଭୋଁସଲେ ଏହି ଖବରକୁ ନିଶ୍ଚିତ କରିଛନ୍ତି।

ଅତ୍ୟଧିକ ଥକ୍କାପଣ ଏବଂ ଛାତି ସଂକ୍ରମଣ ଅଭିଯୋଗ କରିବାରେ ଗାୟିକାଙ୍କୁ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନାତୁଣୀ, ଜାନାଇ ଭୋଁସଲେ ପୂର୍ବରୁ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଅପଡେଟ୍ ପ୍ରଦାନ କରିଥିଲେ ଏବଂ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ତାଙ୍କ ହସ୍ପିଟାଲରେ ଭର୍ତ୍ତି ହେବାର ଖବର ପ୍ରକାଶ ପାଇବା ମାତ୍ରେ, ପ୍ରଶଂସକମାନେ ହସ୍ପିଟାଲ ଏବଂ ତାଙ୍କ ବାସଭବନ ବାହାରେ ବହୁ ସଂଖ୍ୟାରେ ଭିଡ଼ ଜମାଇବାକୁ ଲାଗିଲେ। ସମସ୍ତେ ଆଶା କରିଥିଲେ ଯେ ଆଶା ଭୋଁସଲେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ, କିନ୍ତୁ ଶେଷରେ ସେହି ଆଶା ଧୂଳିସାତ୍ ହୋଇଗଲା।ପରିବାର ଅନୁଯାୟୀ, ଆଶା ଭୋଁସଲେଙ୍କ ଅନ୍ତିମ ସଂସ୍କାର ସୋମବାର ଦିନ କରାଯିବ। ତାଙ୍କର ପାର୍ଥିବ ଶରୀରକୁ ଲୋୟର ପରେଲସ୍ଥିତ ତାଙ୍କ ବାସଭବନରେ ସକାଳ ୧୧:୦୦ ଟାରୁ ଶେଷ ଦର୍ଶନ ପାଇଁ ରଖାଯିବ, ଏହା ପରେ ମୁମ୍ବାଇର ଦାଦରର ଶିବାଜୀ ପାର୍କରେ ଅପରାହ୍ଣ ୪:୦୦ ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ଏହି ସ୍ଥାନଟି ସେହି ସ୍ଥାନରେ ଯେଉଁଠାରେ ତାଙ୍କ ଭଉଣୀ – 'ଭାରତର ନାଇଟ୍‌ଙ୍ଗେଲ' – ଲତା ମଙ୍ଗେଶକରଙ୍କ ଅନ୍ତିମ *(ପୃଷ୍ଠା ୭ରେ)*

## ୨୧ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ରାଉରକେଲା, ୧୨।୪**
**ନ୍ୟୁଜ୍ ବ୍ୟୁରୋ**

ଏପ୍ରିଲ୍ ୨୧ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଗସ୍ତ ଅବସରରେ ସେ ରାଉରକେଲା ଠାରେ ସାର୍ବଜନୀନ ଭିତ୍ତିଭୂମି ଏବଂ ପ୍ରକଳ୍ପର କରିବେ ଉଦଘାଟନ। ଏହା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ଦ୍ରୌପଦୀ ମୁର୍ମୁ।

ସୂଚନା ଅନୁଯାୟୀ, ଏପ୍ରିଲ ୨୧ ତାରିଖ ଅର୍ଥାତ୍ ମଙ୍ଗଳବାର ପୂର୍ବାହ୍ଣ ୧୧.୧୦ ମିନିଟରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି। ଏହା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାହାରିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର, ବିଜ୍ଞାନ ପାର୍କ ଏବଂ *(ପୃଷ୍ଠା ୭ରେ)*

15001/14/2627

ସତ୍ୟମେବ ଜୟତେ



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ସତ୍ୟମେବ ଜୟତେ



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR : 15001/15001/2/26-27/0014



**୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅପ୍ରେଲ, ୨୦୨୬ ସୋମବାର





# ସମ୍ଭାବ୍ୟ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପଦକ୍ଷେପ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ କଲେଜ, କନିମୂଳ ପରିସରରେ ଅଂଶୁଘାତରୁ ରକ୍ଷା, ସ୍ୱାସ୍ଥ୍ୟ ସେବା ଓ ପରିବେଶକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସାମିଲ ହେବାସହ ତିର୍ତ୍ତୋଲ ଧୋୟା ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଓ ପ୍ରତ୍ୟେକ ଲୋକ କିପରି ତଥା ନିଜେ କିପରି ଅଂଶୁଘାତକୁ ମୁକାବିଲା କରିବେ ସେହି ବିଷୟରେ ଶିକ୍ଷା ଅର୍ଜନ କରିଥିଲେ । କଲେଜର ଭାରପ୍ରାପ୍ତ ଅଧକ୍ଷ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜର ପ୍ରାକ୍ତନ ଅଧ୍ୟାପକ ସୁରେଶ ଚନ୍ଦ୍ର ନାୟକ ଯୋଗଦେଇ ନିଜ ବାସସ୍ଥାନ ଓ ଏହାର ପାରିପାର୍ଶ୍ୱିକ ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରିଥିଲେ । କଲେଜର ଶୈକ୍ଷିକ ଅଧିକାରୀ ପୁଷ୍ପକ କୁମାର କର ଶର୍ମା




ଖରାଦିନେ କିପରି ବିଭିନ୍ନ ଚର୍ମରୋଗ ଓ ଜଳଶୁନ୍ୟତା ବିଷୟରେ ଉଲ୍ଲେଖ କରିବା ସହିତ ବ୍ୟାପକ ସଚେତନ ନାଗରିକ ସୃଷ୍ଟିର ଆବଶ୍ୟକ କରୁଛି ବୋଲି କହିଥିଲେ । ଅତିରିକ୍ତ ପ୍ରଶାସନିକ ଅଧିକାରୀ ବିକାଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜରୁରୀ କାମ ନଥିଲେ ଖରାବେଳେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ । ବାହାରକୁ ଗଲେ ସର୍ବଦା ପାଣି, ଓଦା ଗାମୁଛା ବ୍ୟବହାରକାର କରିବାକୁ ଅନୁରୋଧ କରିଥିଲେ । ସହକାରୀ ଆକାଉଣ୍ଟ ବର୍ଷାର ରମାକାନ୍ତ ଲେଙ୍କା ଆପେ ବଞ୍ଚିଲେ ବାପା ର ନାଁ ନ୍ୟାୟରେ କିପରି ବିଭିନ୍ନ ପରିସ୍ଥିତିରେ ଜୀବନ ରକ୍ଷାକରିବା ସେ ବିଷୟରେ ଆଲୋକପାତ କରିଥିଲେ । ଅର୍ଥନୀତି ବିଭାଗର ଅଧାପିକା ଆସ୍ମହା ଶୁଭ ଲକ୍ଷ୍ମୀ ଝିଅ ମାନଂକ ମଧରେ ସଶକ୍ତିକରଣ ଓ ପାରିପାର୍ଶ୍ୱିକ ଉନ୍ନୟନ ତଥା ଜୀବନ ଧାରଣ ର ସର୍ବନିମ୍ନ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । କଲେଜର ବରିଷ୍ଠ କାର୍ଯ୍ୟାଳୟ ଅଧିକାରୀ ବିଜୟ କୁମାର ଦାଶ ଓ ଦିଲ୍ଲିପ କୁମାର ସ୍ୱାଇଁ ସମୟ ଉପଯୋଗୀ ବିଭିନ୍ନ ସଚେତନତା ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ରେଡ଼କ୍ରସର ମହିଳା ଅଧିକାରୀ ସାଗରିକା ଦାସ ସମସ୍ତଙ୍କର ସହଯୋଗ କାମନା କରିବା ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଡିଇଓ ଶାନ୍ତନୁ ଜେନା, ବରିଷ୍ଠ କର୍ମଚାରୀ ରବିନ୍ଦ୍ର କୁମାର ନାୟକ, ଲୋକନାଥ ରଣା, ନୃସିଂହ ସାହୁଙ୍କ ସମେତ ଅନୁଷ୍ଠାନ ର ଉପସ୍ଥିତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା' ଉପରେ ଆଲୋଚନାଚକ୍ର

**ମାଲକାନଗିରି, ନ୍ୟୁଜ ବ୍ୟୁରୋ :**

ଓଡ଼ିଆ ପକ୍ଷ ଅବସରରେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରିରେ "ଆସ ବହିଟିଏ କିଣିବା" ଶୀର୍ଷକରେ ଏକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଆଲୋକ କୁମାର ପାତ୍ର ଅଧକ୍ଷତା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ମହାବିଦ୍ୟାଳୟର ଅଧକ୍ଷ ଡ଼. ଚିନ୍ମୟ ବେହେରା ଯୋଗଦେଇ ବହି ପଢ଼ିବାର ଅଭ୍ୟାସକୁ ସମାଜର ଉନ୍ନତି ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ବହି ମନୁଷ୍ୟର ଚିନ୍ତାଧାରାକୁ ପରିପକ୍ୱ କରିଥାଏ ଏବଂ ଜ୍ଞାନର ପରିସରକୁ ବିସ୍ତାର କରେ । ମୁଖ୍ୟ ବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତପନ କୁମାର ବେହେରା ବହି କିଣିବା ଓ ପଢ଼ିବାର ଆବଶ୍ୟକତା ଉପରେ ନିଜ ଅଭିଭାଷଣ ରଖିଥିଲେ । ସେ ଯୁବପିଢ଼ିଙ୍କୁ ଡିଜିଟାଲ ଯୁଗରେ ବହି ପ୍ରତି ଆଗ୍ରହ ବଢ଼ାଇବାକୁ ଆହ୍ୱାନ ଜଣାଇଥିଲେ ଓ ନିଜସ୍ୱ ବହି ସଂଗ୍ରହ ଗଠନ କରିବାକୁ ପ୍ରେରିତ କରିଥିଲେ । କାର୍ଯ୍ୟକ୍ରମରେ ଆଡମିନିଷ୍ଟ୍ରେଟିଭ ଭାବେ ଡ଼. ପ୍ରସନ୍ନ କୁମାର ବରାଳ, ପାଠ୍ୟଚକ୍ର ସଂଯୋଜକ ପ୍ରିତମ କୁମାର ମହଲା ଏବଂ ଅଧାପିକା ସୁଶ୍ରୀ ପୂଜା ମହାପାତ୍ର ମଞ୍ଚାସୀନ ଥିଲେ । ସମସ୍ତ ଅତିଥିମାନେ ନିଜ ନିଜ ଅଭିଭାଷଣରେ ବହିର ମୂଲ୍ୟ ଓ ପାଠନ ସଂସ୍କୃତିର ପ୍ରଚାର-ପ୍ରସାର ଉପରେ ଆଲୋକପାତ କରିଥିଲେ । ସଂଯୋଜନା କରିଥିଲେ ସୌଦାଗର ସିଅ, ଯିଏ ସୁନିୟୋଜିତ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ଚାଲାଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ସମାପ୍ତିରେ, "ଆସ ବହିଟିଏ କିଣିବା" ଭଳି ଉଦ୍ୟମ ମାଧମରେ ଛାତ୍ରଛାତ୍ରୀଙ୍କ ମଧରେ ପଠନ ଅଭିରୁଚି ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରାଯାଇଥିଲା ।

# ରାସନ କାର୍ଡରୁ ବଞ୍ଚିତ ହିତାଧିକାରୀ ଜିଲ୍ଲାପାଳଙ୍କୁ ଭେଟିଲେ

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ଅଧିବାସୀ ଅଷ୍ଟମୀ ମେହେର ରାସନ କାର୍ଡ ପାଇବାରୁ ବଞ୍ଚିତ ହେବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଅଷ୍ଟମୀ ମେହେର ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରର ବାସିନ୍ଦା ଥିଲେ । ତେବେ ସେ ୨୦୧୭ ମସିହାରେ ବାଉଁଶୁଣି ର ରାମକୃଷ୍ଣ ମେହେରଙ୍କୁ ବିବାହ କରିଥିଲେ । ବର୍ତ୍ତମାନ ତାଙ୍କର ଦୁଇଟି ଝିଅ ଅଛନ୍ତି । ହେଲେ ତାଙ୍କର ରାସନ କାର୍ଡ ହୋଇନଥିବାରୁ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି । ସେ ଜଣେ ଗରୀବ ପରିବାର ହୋଇଥିବାରୁ ବହୁତ କଷ୍ଟରେ ଚଳୁଛନ୍ତି । ବର୍ଷେ ତଳେ ସେ ରାସନ କାର୍ଡ ପାଇଁ ସିଏସସିରେ ଆବେଦନ କରିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଫଳରେ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



# ଓଡ଼ିଆ ପୁସ୍ତକର ଚାହିଦା ବୃଦ୍ଧି ପାଇଁ ପରାମର୍ଶ

**ବରଗଡ଼, ନ୍ୟୁଜ ବ୍ୟୁରୋ**



ବହି ଆମ ଜୀବନକୁ ଜ୍ଞାନର ଆଲୋକରେ ଆଲୋକିତ କରେ । ଆମ ଦୈନନ୍ଦିନ ଜୀବନରେ ବହିର ଆଦର ତଥା ଚାହିଦା ବୃଦ୍ଧି ପାଇଁ 'ଓଡ଼ିଆ ପକ୍ଷ' ମଧରେ ରାଜ୍ୟର ସମସ୍ତ ଜିଲ୍ଲାରେ 'ଆସ ବହିଟିଏ କିଣିବା' ଅଭିଯାନ ଆରମ୍ଭ କରାଯାଇଛି । ଏହି କ୍ରମରେ, ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟ । ଳୟ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସ୍ଥାନୀୟ ପୁସ୍ତକ ବିକ୍ରେତା ଓଡ଼ିଆ ଭାଷାରେ ଲିଖିତ ବିଭିନ୍ନ ବହି ବିକ୍ରି ଥିବା ବେଳେ , ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍କଳ ପ୍ରସଙ୍ଗ ପତ୍ରିକା ବିକ୍ରି କରାଯାଇଥିଲା । ସ୍ଥାନୀୟ ଜଣସାଧାରଣ ତଥା ଜିଲ୍ଲା ପାଠାଗାରର ସମସ୍ତ ପାଠକ ପାଠିକା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁସ୍ତକ କିଣିବା ସହ ଜଣେ ସାରଥି ଭାବେ ଅନ୍ୟ ମାନଙ୍କୁ ଓଡ଼ିଆ ବହି ପଢ଼ିବାକୁ ପ୍ରେରିତ କରିବା ପାଇଁ ଶପଥ ନେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଉପସ୍ଥିତ ସମସ୍ତ ପାଠକଙ୍କୁ ଓଡ଼ିଆ ଭାଷାରେ ଲିଖିତ ବିଭିନ୍ନ ବହି ପଢିବା, ବହିର ଆଦର ଏବଂ ଚାହିଦା ବଢାଇବା ପାଇଁ ନିଜ ପସନ୍ଦ ଅନୁଯାୟୀ ବହି କିଣିବା, ନିଜ ପସନ୍ଦର ବହି ସାଙ୍ଗସାଥିଙ୍କୁ ଉପହାର ଭାବେ ପ୍ରଦାନ କରିବା ଏବଂ ଶିକ୍ଷାର ପ୍ରସାର ତଥା ବହିର ମହତ୍ତ୍ୱ ବିଷୟରେ ଅନ୍ୟମାନଙ୍କୁ ସଚେତନ କରିବାପାଇଁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସମେତ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଆଶିଷ କୁମାର ସୁନା, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଉପସ୍ଥିତ ରହି ସମସ୍ତେ ଜୀବନରେ ବହିର ମହତ୍ତ୍ୱକୁ ସମ୍ମାନ ଜଣାଇବା, ବହିଟିଏ କିଣିବା, ପଢିବା ଏବଂ ଉପହାର ଦେବା ପାଇଁ ଅନୁରୋଧ ରଖିଥିଲେ ।

# ପୁସ୍ତକ ଷ୍ଟଲରେ ପୁସ୍ତକ ପ୍ରେମୀଙ୍କ ସମାଗମ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାର ଓଡ଼ିଆ ପକ୍ଷ ୨୦୨୬ ର ନବମ ଦିନ । ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପୁସ୍ତକ ଷ୍ଟଲ କୁ ଉନ୍ମୋଚନ କରିଥିଲେ । ଏହି ସମୟର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର, ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡ଼ା. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନେକ ପଦାଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ପୁସ୍ତକ କ୍ରୟ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପୁସ୍ତକ ପ୍ରେମୀ ମାନେ ମଧ ପୁସ୍ତକ ଷ୍ଟଲ ଆଡ଼କୁ ଛୁଟି ଆସିଥିଲେ ଏବଂ ଖୁବ୍ ଉତ୍ସାହ ସହିତ ବିଭିନ୍ନ ପ୍ରକାରର ପୁସ୍ତକ କ୍ରୟ କରିଥିଲେ ।



# ଯାଜପୁର ଜିଲ୍ଲା ଓକିଲ ସଂଘର ଶପଥ ଗ୍ରହଣ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଆଇନଜିବୀ ପ୍ରତାପ ରାୟ ସଭାପତିତ୍ୱ କରି ଥିଲେ । ଏହି ସଭାରେ ନିର୍ବାଚନ ଅଧିକାରୀ ବିଜୟ କୁମାର ଜେନା ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ନବନିର୍ବାଚିତ ସଭାପତି ଅମୀୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଦିବାକର ମହାନ୍ତି, ଉପ ସଭାପତି ଶ୍ରୀମତୀ ଝରଣା ମିଶ୍ର ଓ ସହସଂପାଦିକା ଭାବେ ଚିନ୍ମୟୀ ଜେନା ପ୍ରମୁଖ ନୂତନ କର୍ମକର୍ତ୍ତା ଶପଥ ପାଠ କରିବା ପରେ ଆଇନ୍ ଜିବୀ ମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ରାଜ୍ୟ ବାର କାଉନସିଲର ଉପାଧକ୍ଷ ରାଜୀବ ମହାନ୍ତି ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଉତ୍ସବରେ ବିଦାୟୀ ସଂପାଦକ ମାନଗୋବିନ୍ଦ ଧଳଙ୍କ ସହ ବରିଷ୍ଠ ଆଇନଜୀବି ଦିଲୀପ କୁମାର ଦାସ, ଅଜୟ ଦାସ, ସମରେନ୍ଦ୍ର ଦାସ, ଦୀପ୍ତି ରଞ୍ଜନ ମହାନ୍ତି, ବିଜୟ ମହାନ୍ତିଙ୍କ ସହ ବହୁ ବରିଷ୍ଠ ଆଇନଜୀବି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ଆଇନଜୀବି ପ୍ରବୀର ରାୟ ଜିଲ୍ଲା ଜଜ୍ କୋର୍ଟର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରି କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିବା ସହ ଯାଜପୁରର ସମସ୍ତ ଆଇନଜୀବି ସମ୍ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ ।

# ଦେବାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**

ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିନରେ ସକାଳ ୭ ଟା ରେ ସୋନପୁର ପୌର ପରିଷଦ ପକ୍ଷରୁ ଜିଲ୍ଲାର ଦେବାଳୟ ଓ ଐତିହ୍ୟ ସ୍ଥଳୀମାନଙ୍କରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ଅଭିଯାନରେ ମାଁ ସୁରେଶ୍ୱରୀ ପୀଠ ଏବଂ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ସଫା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହା ସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ରଷି ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଓ ଜିଲ୍ଲା ନିଜାରତ ଅଧିକାରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ । ସୋନପୁର-ମନମୁଣ୍ଡାର ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର ମହାବିଦ୍ୟାଳୟର ଏନ୍.ସି.ସି ଛାତ୍ରଛାତ୍ରୀ, ପୌର ପରିଷଦ ସ୍ୱଚ୍ଛ ସାଥୀ ଓ ସଚେତନ ନାଗରିକମାନେ ସକ୍ରିୟ ଭାବେ ଭାଗନେଇଥିଲେ । ପୌର ପରିଷଦର ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତଙ୍କୁ ପ୍ରତିଦିନ ନିଜ ଘର, ସାହି ଓ ଧାର୍ମିକ



ସ୍ଥଳୀମାନଙ୍କୁ ସଫା ରଖିବା ପାଇଁ ସଚେତନ କରିବା, ଓ ସମଗ୍ର ପରିବେଶ ସୁରକ୍ଷା ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଏହା ଛଡା ସମସ୍ତଙ୍କୁ ପୌର ପରିଷଦ ପକ୍ଷରୁ ଏହା ମଧ ଅନୁରୋଧ କରାଯାଇଛି ଯେ ସେମାନେ ପ୍ରତ୍ୟେକ ଦିନ ତାଙ୍କ ଘର ପାଖକୁ ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିରେ ତାଙ୍କ ଘରୁ ବାହାରୁ ଥିବା ଶୁଖା ଏବଂ ଓଦା ଅଳିଆକୁ ପୃଥକ ପୃଥକ ଭାବରେ ସଂଗ୍ରହ ଗାଡ଼ିରେ ଦିଅନ୍ତୁ । ଏହା ଅଳିଆର ପୁନରାବୃତ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜୈବିକ ଖତ ତିଆରିରେ ସାହାଯ୍ୟ କରିଥାଏ ।

# ଓଡ଼ିଆ ଭାଷାର ମହତ୍ୱ ନେଇ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ-୨୦୨୬ର ଅବସରରେ ସହଦେବଖୁଣ୍ଟାସ୍ଥିତ ଫିରିଙ୍ଗୀପାଟଣା ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ କଥା ଦିବସ' ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ସଦର ବିଇଓ ଯୋଗେଶ୍ୱର ଜେନା ଉପସ୍ଥିତ ଥିଲେ । ସେମାନେ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ବନ୍ଧରେ ବୁଝାଇଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱରଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟରେ ପ୍ରୟାସ ବୃଦ୍ଧାଶ୍ରମ, ସାହାରା ବୃଦ୍ଧାଶ୍ରମ, କପିଳ ମୁନୀ ବୃଦ୍ଧାଶ୍ରମ, ଅମୃତଧାରା ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକ ମଞ୍ଚଙ୍କୁ ଭାଗବତ ପୁସ୍ତକ ବଣ୍ଟନ କରାଯାଇଥିଲା । ଦୈନିକ ଭାଗବତ ପଠନ ସହ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଅନୁଷ୍ଠାନର ସଭାପତି ସମ୍ପାଦକ ଓ ଅନ୍ତେବାସୀ ଭାଗବତ ପୁସ୍ତକ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଜିଲ୍ଲାର ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା କ୍ଷ ସେଥିରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସରକାରୀ ଅଧିକାରୀ ଯୋଗ ଦେବା ସହ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ଶିଶୁ ଲେଖା ଦିବସ ପାଇଁ ଜିଲ୍ଲାକୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ୩୦୦ ଖଣ୍ଡ ଲେଖାଏଁ ବର୍ଣ୍ଣବୋଧ, ଶିଶୁଲେଖା ପୁସ୍ତକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୫ଟି ଭାଗବତ ପୁସ୍ତକ ବଣ୍ଟନ ପାଇଁ ଆସିଥିଲା ।

# ହୁମ୍ମାରେ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ଐତିହାସିକ ଲବଣ ସତ୍ୟାଗ୍ରହର ଅନ୍ୟତମ ପୀଠ ହୁମ୍ମା ଠାରେ ଜନ କଲ୍ୟାଣ ସ୍ୱେଚ୍ଛାସେବୀ ସଂସ୍ଥା ଓ ବଜରଙ୍ଗୀ ଦଳର ମିଳିତ ଆନୁକୁଲ୍ୟରେ ବିଶିଷ୍ଟ ସମାଜସେବୀ ସୁନିଲ କୁମାର ସାହୁଙ୍କ ୩୩ ତମ ଜନ୍ମ ଦିନ ଉତ୍ସବ ଅବସରରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଡହୁମ୍ମା ରାଜା ସାହେବ୍ ରାଘବେନ୍ଦ୍ର ନାରାୟଣ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧରେ ହୁମ୍ମା ନାଏବ ସରପଞ୍ଚ ମିଥୁନ ପରିଡ଼ା, ବିଶିଷ୍ଟ ସାମ୍ବାଦିକ ରବୀନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ସ୍ୱେଚ୍ଛାସେବୀ ଯୋଗେଶ ସାହୁ, ଆଇନଜୀବି ଜୟ ସାହୁ, ହୁମ୍ମା ପଞ୍ଚୁ ଦୋଳ ଯାତ୍ରା ଆୟୋଜକ କମିଟି ସମ୍ପାଦକ ରାମା ରାଓ, ସୁରଥ ପରିଡ଼ା, ଶିବାଜୀ ସ୍ୱାଇଁ, ରଞ୍ଜିତ ପଲାଇ, ୱାର୍ଡ ସଭ୍ୟ ସାଗର ପ୍ରଧାନ ପ୍ରମୁଖ ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ବ୍ରହ୍ମପୁର ଏମ୍‌କେସିଜି ରକ୍ତ ଭଣ୍ଡାରକୁ ପ୍ରେରଣ କରା ଯାଇଥିଲା । ଏହି ଭଳି ମହାନ୍ ଜନ ମଙ୍ଗଳ କାର୍ଯ୍ୟକ୍ରମକୁ ଜନ ସାଧାରଣରେ ପ୍ରଶଂସା କରାଯାଇଛି ।

# କୋରାପୁଟ ଜିଲ୍ଲାରେ ଚଢ଼ା ଦରରେ ବିକ୍ରି ହେଉଛି ରନ୍ଧନ ଗ୍ୟାସ : ବଢୁଛି କଳାବଜାରୀ, ଟିଫିନ ହୋଟେଲ ଓ ଫାଷ୍ଟଫୁଡ୍ ରେ ତାଲା, ଚିନ୍ତାରେ ବ୍ୟବସାୟୀ ଓ ଶ୍ରମିକ

**ଜୟପୁର, ନ୍ୟୁଜ ବ୍ୟୁରୋ**

ମଧପ୍ରାଚ୍ୟ ଯୁଦ୍ଧ ପାଇଁ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟ ପରେ କୋରାପୁଟ ଜିଲାରେ ବ୍ୟବସାୟ କ୍ଷେତ୍ରରେ ଏହାର ଗୁରୁତର ପ୍ରଭାବ ପଡିଛି । ବିଶେଷ କରି ରାସ୍ତା କଡ଼ରେ ବ୍ୟବସାୟ କରୁଥିବା କୋରାପୁଟ ଜିଲାର ଜୟପୁର ସହର, ସେମିଳିଗୁଡା, କୋରାପୁଟ, ବୈପାରିଗୁଡ଼ା, ବୋରିଗୁମ୍ମା ଅଂଚଳରେ ଥିବା ଗ୍ରାମାଚଂଳରେ ଟିଫିନ ଦୋକାନ, ଫାଷ୍ଟଫୁଡ ଠାରୁ ଆରମ୍ଭ କରି ଉଠା ଦୋକାନୀଙ୍କ ଉପରେ ଏହାର ସିଧା ସଳଖ ପ୍ରଭାବ ପଡିଛି । ଏଠାରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ରୋଜଗାର ବନ୍ଦ ହୋଇଗଲାଣି । ଦୋକାନୀ ମାନେ ଏଲପିଜି ସଙ୍କଟର ସମ୍ମୁଖୀନ ହୋଇ ସ୍ଥିତି ଦୋହଲି ଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଅନେକ ଦୋକାନ ବନ୍ଦ ହୋଇଗଲାଣି । ଏପରି ସ୍ଥିତିରେ କିଛି ବ୍ୟବସାୟୀ କଳା ବଜାରୀରେ ବଡ଼ ଗ୍ୟାସ କିଣି ଦୋକାନ ଚଳାଉଛନ୍ତି । ଫଳରେ ମାର୍କେଟରେ ଗ୍ୟାସ କଳାବଜାରୀ ବଢୁଥିବା ବେଳେ ଅଧିକ ଦାମ୍ ରେ ଗ୍ୟାସ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷେ ବେଆଇନ କଳାବଜାରୀ ରୋକିବା ଏବଂ ପ୍ରକୃତ ଉପଭୋକ୍ତାଙ୍କୁ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୫ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ଖୋଲା ବଜାର ବିକ୍ରୟକୁ ନିଷିଦ୍ଧ କରିଛନ୍ତି ସରକାର । କେବଳ ଅଧିକୃତ ବିତରକମାନେ ଏବେ ବି ଗ୍ରାହକ ମାନେ ସେଗୁଡିକୁ କିଣିବା ପାଇଁ ବାଧ୍ୟତାମୂଳକ ଇ -କେୱାଇସି ଯାଂଚ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସରକାରଙ୍କ ଏହି ନିୟମ ପରେ ଗ୍ରାମାଚଂଳରେ ଥିବା ଘରୋଇ ସ୍କୁଲ ଗୁଡିକ ମେସରେ ରହୁଥିବା ଛାତ୍ରଛାତ୍ରୀ ମାନେ ଚିନ୍ତାରେ ପଡିଛନ୍ତି । ଏଥି ସହିତ ଗ୍ରାମାଚଂଳରେ ରହୁଥିବା ଗରିବ ଶ୍ରେଣୀର ଲୋକମାନେ ଯେଉଁମାନେକି ଉଠା ଦୋକାନ ପକାଇ ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ସଙ୍କଟରେ ପଡ଼ିଥିବା ବେଳେ ଜୀବନ ଜୀବିକା ନେଇ ଆଶଙ୍କାରେ ପଡିଛନ୍ତି । ତେବେ ଫାଷ୍ଟଫୁଡ ଏବଂ ଜଳଖିଆ ପ୍ରସ୍ତୁତି ପାଇଁ ସମସ୍ତେ ଗ୍ୟାସ ଉପରେ ନିର୍ଭର କରୁଥିବା ବେଳେ ଏବେ ଏଲପିଜି ସଙ୍କଟ ପରେ ଏମାନଙ୍କ ଦୋକାନରେ ଚୁଲା ଜଳିବା ଏକ ପ୍ରକାର ବନ୍ଦ ହୋଇଯାଇଛି । ଗ୍ରାମାଚଂଳରେ ଥିବା ଉଠା ଦୋକାନୀଙ୍କ ଗ୍ୟାସ ସମସ୍ୟା ଚିନ୍ତାର କାରଣ ହୋଇଛି । ରୋଷେଇ ଘରେ ଗ୍ୟାସ ନାହିଁ । ଖାଇବା ପାଇଁ ଲୋକମାନେ ନାହିଁ ନଥିବା କଲବଲ ହେଲେଣି । ଗ୍ୟାସ ପାଇଁ ସବୁଆଡ଼େ ହାହାକାର ପଡିଲେଣି । ସରକାର ନିଦା ବିଷ୍ଣୁ ହୋଇ ବସିଛନ୍ତି । ଗ୍ୟାସ ବୁକିଂ ପରେ ଗ୍ୟାସ ଯୋଗାଣ କରାଯିବ ବୋଲି ଯୋଗାଣ ବିଭାଗ ମନ୍ତ୍ରୀ ଘୋଷଣା କରିଛନ୍ତି । ବୁକିଂ ପରେ ମଧ ଗ୍ୟାସ ମିଳୁ ନାହିଁ । କିରୋସିନ ଲିଟର ଏବେ ଚୋରାରେ ୧୫୦ ଟଙ୍କା ହେଲେଣି । ଷ୍ଟୋଭରେ ରୋଷେଇ କରିବା ଲୋକଙ୍କ ପକ୍ଷରେ ଆଉ ସମ୍ଭବ ହେଉନାହିଁ । ରାସ୍ତା କଡରେ ଥିବା ସବୁ ହୋଟେଲ, ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ଗୁଡିକ ବନ୍ଦ ହୋଇଗଲେଣି । କାଠ ଚୁଲିରେ ଲୋକମାନେ ରୋଷେଇ କରି ଚଳୁଥିଲେ । ସରକାରୀ ଉଜ୍ଜ୍ୱଳା ଯୋଜନାରେ ଲୋକଙ୍କୁ ଗ୍ୟାସ ଯୋଗାଣ କରାଯିବାରୁ ମାଟି ଚୁଲି ଲୋକମାନେ ଭାଙ୍ଗି ଦେଇସାରିଛନ୍ତି । ଘରେ ମହିଳା ମାନେ ଆଉ କାଠ ଚୁଲିରେ ରୋଷେଇ କରିବାକୁ ଚାହୁଁନାହାନ୍ତି । ଜାଳେଣି କାଠ ଦର ଏବେ କୁଇଣ୍ଟାଲ ପ୍ରତି ୧୫ଶହ ଟଙ୍କା ହେଲାଣି , ତେବେ ତାହା ବି ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ । ଯୁବକମାନେ ଖାଲି ସିଲିଣ୍ଡର ନେଇ ଗ୍ୟାସ ଡିପୋ ଆଗରେ ଲାଇନ ଲଗାଇ ଦିନ ଦିନ ଧରି ଅପେକ୍ଷା କରି କିଛି କିଛି ଗ୍ୟାସ ଆଣୁଥିବା ଲକ୍ଷ୍ୟ କରାଯାଇଛି । ହେଲେ ଗ୍ୟାସ ଡୋର ଟୁ ଡୋର ଡେଲିଭରି ନହେବାରୁ ବରିଷ୍ଠ ନାଗରିକ ମାନେ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି । ଯୋଗାଣ ମନ୍ତ୍ରୀ କହୁଛନ୍ତି ଗ୍ୟାସ ମହଜୁଦ ରହିଛି । କାହାର ଅସୁବିଧା ହେବାକୁ ଦିଆଯିବ ନାହିଁ । ଲୋକମାନଙ୍କ ସୁବିଧା ପାଇଁ ଗ୍ୟାସ ଯୋଗାଣ ନିୟମ ସରଳ କରି ପୂର୍ବପରି ତୁରନ୍ତ ଲୋକଙ୍କୁ ଗ୍ୟାସ ଯୋଗାଣ କରିବାକୁ ଦାବି ହୋଇଛି । ସରକାର ଗ୍ରାମାଚଂଳକୁ ଆସି ସ୍ଥିତି ଅନୁଧାନ କଲେ ବାସ୍ତବ ସମସ୍ୟା ବୁଝି ପାରିବେ ବୋଲି ଆଲୋଚନା ହୋଇଛି । ହୋଟେଲ ଆଦି ବନ୍ଦ ହୋଇ ଯାଇଥିବାରୁ ହୋଟେଲରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ରୋଜଗାର ବନ୍ଦ ହୋଇଗଲାଣି । ତେଣୁ ସରକାର ଆଶୁ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ଜନଗଣନା ସଚେତନତା ରଥ ର ଶୁଭାରମ୍ଭ

**ଜଗତସିଂହପୁର,ନ୍ୟୁଜ ବ୍ୟୁରୋ**

ଗଣନା ସମୟରେ ସଠିକ ଓ ନିର୍ଭୁଲ ତଥ୍ୟ ଦେବାପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ । ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ହାଉସ ଲିଷ୍ଟିଂ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ



ଜନଗଣନା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଦ୍ୱାରା ସଚେତନତା ଯାନକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ମାଧମରେ ଜିଲ୍ଲାର ସମସ୍ତ ସହର ଓ ଗ୍ରାମାଞ୍ଚଳକୁ ରଥଟି ପରିଭ୍ରମଣ କରି ସାଧାରଣ ଲୋକଙ୍କ ମଧରେ ସ୍ୱଗଣନା (ସେଲ୍ଫ ଏନୁମେରେସନ) ପ୍ରକ୍ରିୟା ରେ ୧/୪/୨୬ ରୁ ୧୫/୪/୨୬ ସମୟସୀମା ମଧରେ ଭାଗନେବା ସହିତ ସଠିକ୍ ତଥ୍ୟ ପ୍ରଦାନର ଗୁରୁତ୍ୱ ବିଷୟରେ ସଚେତନ ସୃଷ୍ଟିକରିବା ।ଗଣନା ସମୟରେ ଗଣନା କାରୀମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଛି । ଜନଗଣନା ହେଉଛି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ, ଯାହାକୁ ଆଧାର କରି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ନୀତି ଗଠନ କରାଯାଏ । ତେଣୁ ସମସ୍ତ ନାଗରିକଙ୍କୁ ନିଷ୍ଠାର ସହ ଜନଗଣନାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକଟର ସୌମ୍ୟରଂଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି, ସିଦ୍ଧାର୍ଥ ବେହେରା, ସମ୍ରାଟ କିଶୋର ମହାନ୍ତି, ତୁଷାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।





# ଜିଲ୍ଲାପାଳଙ୍କ ଦ୍ୱାରା 'ବନ୍ଦେ ମା' ଗୋ ସୋନପୁର' ଲୋକାର୍ପିତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁରୀ ସାଂସ୍କୃତିକ ଚେତନାର ବାର୍ତ୍ତାବହ ପ୍ରାମାଣିକ ଚଳଚ୍ଚିତ୍ର ବନ୍ଦେ ମାଗୋ ସୋନପୁର ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଏହାର ଗୀତ ରଚନା କରିଛନ୍ତି କବି ଡ଼ ଆର୍ତ୍ତତ୍ରାଣ ବାବୁ । କଣ୍ଠଦାନ କରିଛନ୍ତି ମଞ୍ଜୁଶ୍ରୀ ବାବୁ ଓ ସୁଶିଲ ମହାଲିଙ୍ଗ । ସଙ୍ଗୀତ ସଂଯୋଜନା କରିଛନ୍ତି ପଣ୍ଡିତ ମଧୁସୂଦନ ଦାସ । ଏହାର ପ୍ରଯୋଜକ ହେଲେ ଡାକ୍ତର ଆବାସ ରଞ୍ଜନ ବାବୁ ଓ ଆଶିଷ ରଞ୍ଜନ ବାବୁ । ପ୍ରଯୋଜନା କରିଛନ୍ତି ନିଶାନ ପ୍ରତକ୍ସନ । ସମ୍ପାଦନା କରିଛନ୍ତି ରାଧେଶ୍ୟାମ ମିଶ୍ର । ସୁବର୍ଣ୍ଣପୁର ପ୍ରତୀକ ଟେଣ୍ଟ ହାଉସରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ପୁସ୍ତକ ବନ୍ଦେ ମାଗୋ ସୋନପୁର ଲୋକାର୍ପିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଭାବରେ ଡ଼ ସୌମ୍ୟାରୂପା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡ଼ ଆର୍ତ୍ତତ୍ରାଣ ବାବୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ସଭାରେ ଲେଖକ ଗବେଷକ ଗୋରେଖ୍ ନାଥ ସାହୁ, ଡ଼ ପ୍ରଫୁଲ୍ଲ ରଥ, ବ୍ରଜ ମୋହନ ଦାନୀ, ଡ଼ ଜ୍ୟୋତି




ରଞ୍ଜନ ବହିଦାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ ଐତିହାସିକ ସୁବର୍ଣ୍ଣପୁରର ଆଧାତ୍ମିକ ଉତ୍କର୍ଷ ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ସୁବର୍ଣ୍ଣପୁରକୁ ତାହାର ପୂର୍ବବର୍ତ୍ତୀ ସ୍ତରକୁ ଫେରେଇ ଆଣିବା ପାଇଁ ଆଜିର ବୁଦ୍ଧିଜୀବି ଯୁବ ସମାଜ ଉଦ୍ୟମ ଜାରି ରଖିବାକୁ ମତ ପ୍ରକାଶ କରିଛନ୍ତି । ଦରବାରୀ ସାହିତ୍ୟ ଓ ଇତିହାସର ଉପରକୁ ଉଠି ଆଧୁନିକ ସୋନପୁରକୁ ସୁବର୍ଣ୍ଣପୁର ଭାବେ ଗଢ଼ି ତୋଳିବାକୁ ବକ୍ତା ମାନେ ମତ ରଖିଥିଲେ । ପ୍ରାମାଣିକ ଚଳଚ୍ଚିତ୍ରରେ ସୁବର୍ଣ୍ଣପୁର ଜିଲ୍ଲାର ଆଧାତ୍ମିକ ସାଂସ୍କୃତିକ ପ୍ରାକୃତିକ ପୀଠର ସ୍ଥାନ ପାଇଥିବା ବେଳେ ଏଥିରେ ସବୁ ବର୍ଷର ସଫଳ କୃତୀ ସନ୍ତାନ ସନ୍ତତି ମାନଙ୍କୁ ଯଥୋଚିତ ସ୍ଥାନ ଓ ସମ୍ମାନ ଦିଆ ଯାଇଛି । ସମଗ୍ର କାର୍ଯ୍ୟକ୍ରମ ହିମାଂଶୁ ଭୂଷଣ ପଣ୍ଡା ଓ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ଶେଷରେ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉ କି ଯେ ଆଜି ଏହି ଉତ୍ସବ ଆୟୋଜକ ଡ଼ ଆର୍ତ୍ତତ୍ରାଣ ବାବୁଙ୍କ ଜନ୍ମ ଦିନ ଥିବାରୁ ତାଙ୍କୁ ଗୋପାଳ ଜି ଯୋଗାଳୟ, ନିଶାନ ପ୍ରଡକ୍ସନ, ଶକ୍ତ ଦୀପା, ସ୍ୱଚ୍ଛ ଭାରତ, ଓଡ଼ିଶା ସାମ୍ବାଦିକ ସଂଘ ଆଦି ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇ ଡ଼ ବାବୁଙ୍କ ଦୀର୍ଘ ଜୀବନ କାମନା କରିଥିଲେ । କଣ୍ଠ ଶିଳ୍ପୀ ଶ୍ରୀମତୀ ମଞ୍ଜୁଶ୍ରୀ ବାବୁ, ସୁଶିଲ ମହାଲିଙ୍ଗ, ସଙ୍ଗୀତ ନିର୍ଦ୍ଦେଶକ ମଧୁ ସୁଦନ ଦାସ ଓ ନିଶାନ ପ୍ରଡକ୍ସନର ସଭାପତି ଅଖୋଜ ଷାଣ୍ଡ, ଅଧକ୍ଷ ନନ୍ଦକାହ୍ନା ପୁଝାରୀ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଡ଼. ରାଧେ ଶ୍ୟାମ ମିଶ୍ରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ସହରର ବହୁ ବୁଦ୍ଧିଜୀବି, ସଚେତନ ନାଗରିକ, କବି, ଯୋଗୀ, ଲେଖକ, ସମାଜ ସେବୀ, ସାମ୍ବାଦିକ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାମାଣିକ ଚଳଚ୍ଚିତ୍ର ବନ୍ଦେ ମାଗୋ ସୋନପୁରକୁ ଲୋକାର୍ପିତ କରାଯାଇଥିବା ବେଳେ ଦୀର୍ଘ ଘଣ୍ଟାଏ ଧରି ଏହି ଚଳଚ୍ଚିତ୍ରକୁ ସମସ୍ତେ ଉପଭୋଗ କରିଥିଲେ ।

# ଦୁଇ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ : ୨୦ରୁ ଉର୍ଦ୍ଧ୍ୱ ଆହତ

**କଟକ,ନ୍ୟୁଜ ବ୍ୟୁରୋ**

କଟକ ସାଲେପୁର ଥାନା ଅନ୍ତର୍ଗତ କଟକ ସାଲେପୁର ରାସ୍ତାର ଭାତପଡା ଛକ ନିକଟରେ ଆଜି ସକାଳେ ଦୁଇଟି ଘରୋଇ ବସ ମଧ୍ୟରେ ଦୁର୍ଘଟଣା ଘଟିଛି । ତେବେ ଦୁର୍ଘଟଣା ଗ୍ରସ୍ତ ଉଭୟ ବସରେ ୫୦ରୁ ଅଧିକ ଯାତ୍ରୀ ଥିଲେ । ଏବଂ ଅଧିକାଂଶ ଯାତ୍ରୀ ଆହତ ହୋଇଛନ୍ତି ସେଥିମଧ୍ୟରୁ ୨୦ ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ ୧୦ ଜଣ ଗୁରୁତରଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଆଜି ସକାଳେ ମହାଲକ୍ଷ୍ମୀ ଓ ପପୁ ନାମକ ଦୁଇ ଗୋଟି ବସ୍ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାତ୍ରା କରି ଥିଲେ । ତେବେ କିଏ ଆଗାମୀ ଷ୍ଟପେଜରେ ପ୍ରଥମେ ପହଞ୍ଚିବ ସେ ନେଇ ପ୍ରତିଯୋଗିତା ମୂଳକ ଦ୍ରୁତ ଗାଡ଼ି ଚାଳନା ମନୋଭାବ ରଖି ଗାଡ଼ି ଚଲାଇବା ଯୋଗୁଁ ଏହିଭଳି ଅବସ୍ଥା ଉପୁଜିଥିବା ଜଣାପଡ଼ିଛି । ମହାଲକ୍ଷ୍ମୀ ନାମକ ବସ ପପୁ ବସ୍‌କୁ ହଠାତ ଭାତପଡାଠାରେ ଦ୍ରୁତ ଗତିରେ ଓଭର ଟେକ୍ କରିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ବସ୍ ମାଲିକ ମାନଙ୍କର ଟାଇମିଙ୍ଗ ଓ ଅଧିକ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ଏବଂ ପ୍ରତିଯୋଗିତା ମୂଳକ ଗାଡ଼ି ଚାଳନା ମନୋଭାବ ହିଁ ଏହି ଭଳି ଦୁର୍ଘଟଣାର କାରଣ ବୋଲି ଆହତ ଯାତ୍ରୀ କହିଛନ୍ତି । ତେବେ ଯାତ୍ରୀମାନଙ୍କ ଜୀବନକୁ ନେଇ ଏଭଳି ଖେଳ ଖେଳୁଥିବା ଥିବା ଏବଂ କମ୍ ସମୟ ମଧ୍ୟରେ ଅଧିକ ଅର୍ଥ ରୋଜଗାର କରିବାର ପ୍ରତିଯୋଗିତା ମନୋଭାବ ପୋଷଣ କରୁଥିବା ଡ୍ରାଇଭର ଓ ସଂପୃକ୍ତ ଗାଡ଼ି ମାଲିକଙ୍କ ଉପରେ ପ୍ରଶାସନର ରୋକ୍ ଲଗାଇବା ଅତି ଜରୁରୀ ହୋଇ ପଡ଼ିଛି । ବୋଲି ଯାତ୍ରୀ କହିଛନ୍ତି ।




# ପଞ୍ଚ ସଖା ଶିକ୍ଷା ସେତୁ ନୂତନ କମିଟି ଗଠନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବତନ ଛାତ୍ର ପରିଷଦ ତଥା ପଞ୍ଚ ଶଖା ଶିକ୍ଷା ସେତୁ କମିଟି ଗଠନ ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାର ସଭାପତି ତଥା ପ୍ରଧାନ ଶିକ୍ଷକ ଅଜୟ କୁମାର ଲୁହାଙ୍କ ସଭାପତିତ୍ୱରେ କମିଟି ଗଠନ କରାଯାଇଥିଲା । ନୂତନ ସଭାପତି ଭାବରେ ଡ. ପ୍ର'ୁଲ୍ଲ କୁମାର ରଥ, ଉପ ସଭାପତି କଇଁରୁ ସ୍ୱାଇଁ, ମେମ୍ବର କନଭେନେର ଭାବେ ପିୟୁଷ କୁମାର ପଣ୍ଡା ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ସିଆରସିସି ବ୍ରତାନନ୍ଦ ଭୋଇ ସଭାକୁ ସଂଯୋଜନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜଳିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର ଜୟନ୍ତୀ ମେହେର, ବିନୋଦିନୀ ମହାପାତ୍ର, ସସ୍ମିତା ପାତ୍ର, ତୃପ୍ତିକା ତ୍ରିପାଠୀ ସୀମା ମହାପାତ୍ର ସୁଜାତା ସାହୁ ମାମା ମାଧୁରୀ ପଣ୍ଡା, ନରେନ୍ଦ୍ର ଚାନ୍ଦ, ଶିବାଶିଷ ମିଶ୍ର, ସୁଭଦ୍ରା ହାରା ଓ ଅଜୟ ବେହେରା ସହଯୋଗ କରିଥିଲେ । ଏହି ଛାତ୍ର ସମାବେଶରେ ଶହେରୁ ଉର୍ଦ୍ଧ୍ୱ ଛାତ୍ର ଯୋଗ ଦେଇ ବିଦ୍ୟାଳୟର ଉନ୍ନତି ଲାଗି ସଂକଳ୍ପ ନେଇ ଥିଲେ ଓ ଆଗମୀ ଦିନରେ ଏହି ଛାତ୍ରମାନଙ୍କୁ ନେଇ ମହାରାଜା ହାଇସ୍କୁଲ ଆଲୁମିନି ଆସୋସିଏସନ ଗଠନ ଲାଗି ଆଲୋଚନା ହୋଇଥିଲା ।



# ଉମର କୋର୍ଟରେ ଫାର୍ଶାରେ ହାଣି ଟଙ୍କା, ସୁନା ଲୁଟ୍

**ଉମରକୋଟ, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୮ ର ଜମାଇ କଲୋନୀ ସ୍ଥିତ ତାରକ ହାଲଦାରଙ୍କ ଘରେ ମଧ ରାତ୍ରିରେ ଲୁଟ ହୋଇଥିବା ଦେଖିବାକୁ ମିଳିଛି । ରାତି ଅଧରେ ମୁହଁରେ କଳା କପଡା ବାନ୍ଧି କବାଟ ଭାଙ୍ଗିବା ସହ ତାରକଙ୍କୁ ଫାର୍ଶାରେ ଆକ୍ରମଣ କରିଥିଲେ । ଳରେ ତାରକ ଗୁରୁତର ଅବସ୍ଥାରେ ସେମାନଙ୍କ ସମ୍ମୁଖରେ ପଡି ରହିଥିଲେ ତଥାପି ସେମାନେ ତାରକ କୁ ଛାଡି ନଥିଲେ । ତାରକଙ୍କୁ ମାଡ଼ ମାରି କିଛି ଟଙ୍କା, ମୋବାଇଲ, ଦୁଇଟି କାନ ଫୁଲ, ସୁନା ଚୁଡ଼ି ଲୁଟ କରି ନେଇଛନ୍ତି । ଡକାୟତିଙ୍କ ମାଡ଼ରେ ତାରକଙ୍କ ମୁଣ୍ଡ ଫାଟି ଯାଇଛି ଏବଂ ସେ ଗୁରୁତର ଅବସ୍ଥାରେ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଘଟଣା ବିଷୟରେ ପୋଲିସ ଖବର ପାଇ ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଆହତ ହୋଇଥିବା ତାରକ ନିଜେ ପ୍ରକାଶ କରିଛନ୍ତି । ଅନ୍ୟପଟେ ଉମରକୋଟ ଅଞ୍ଚଳରେ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି ତେଣୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି ।



# ଧର୍ମଶାଳାରେ ଝାଡାବାନ୍ତି: ପୁଣି ଜଣେ ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଓ୍ୱାରକଣା ଗ୍ରାମର ଯୁବକ ବିପିନିସାହୁଙ୍କର ଆଜି ଝାଡାବାନ୍ତିରେ ମୃତ୍ୟୁହୋଇଛି । ସ୍ଥାନୀୟ କବାଟବନ୍ଧ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନାମିଳିଛି । ଡାକ୍ତରଖାନାରେ ଏବେବି ୭ରୁ ଉର୍ଦ୍ଧରୋଗୀ ଚିକିତ୍ସିତ ହେଉଛନ୍ତି । ଚଳିତମାସ ୭ ତାରିଖରୁ ଆରମ୍ଭ ହୋଇଥିବା ଝାଡାବାନ୍ତିରେ ୨୦ରୁଉର୍ଦ୍ଧ ରୋଗୀ ଆକ୍ରାନ୍ତ ହୋଇ କବାଟବନ୍ଧ ଓ ଧର୍ମଶାଳାଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ପୂର୍ବରୁ ଅଙ୍ଗିରା ପଞ୍ଚାୟତ ବାଉଁଶଡୋଳା ଗ୍ରାମର ବାଦଲ ମଲିକଙ୍କର ମୃର୍ତ୍ୟୁ ଘଟିଥିଲା । ୨ଜଣ ଯୁବକଙ୍କ ମୃତ୍ୟୁରେପରେ ସ୍ଥାନୀୟଲୋକଙ୍କ ମଧ୍ୟରେ ଆତଙ୍କିତ ହୋଇପଡିଛନ୍ତି । ଝାଡାବାନ୍ତି କମିବାର ନାଁ ଧରୁନାହିଁ । ଶୁକ୍ରବାରଦିନ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ ବିଜୟକୁମାରମିଶ୍ର ସହ ଏକସ୍ୱାସ୍ଥ୍ୟଟିମ ବାଉଁଶଡୋଳା ଗ୍ରାମରରେ ପହଞ୍ଚିସ୍ଥିତି ଅନୁଧ୍ୟାନକରିଥିଲେ । ଗତ ବର୍ଷ ମେମାସରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଏହିସବୁ ପଞ୍ଚାୟତରେ ଝାଡାବାନ୍ତି ବ୍ୟାପକରୂପ ଧାରଣା କରିଥିଲା । ସ୍ୱାସ୍ଥ୍ୟ ବିଭାଗ ଏବେଠୁ ସଜାଗ ହେବାକୁ ସାଧାରଣରେ ଦାବି ହେଉଛି ।



# ୪୬ ବର୍ଷ ଅପେକ୍ଷାର ଅନ୍ତ; ଶ୍ରୀ ରୁଦ୍ରନାଥଙ୍କ ଦର୍ଶନ ପାଇଁ ଫିଟିଲା ବାଟ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ହେଉଛି ଦ୍ୱିତୀୟ ବାରଣାସୀ ତଥା ଓଡ଼ିଶା ର ଦ୍ୱିତୀୟ ମନ୍ଦିର ମାଳିନୀ ସହର ଭାବେ ଜଣାଶୁଣା । ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡୀଙ୍କୁ ନେଇ ସୁବର୍ଣ୍ଣପୁର ସହରର ପରିଚୟ । କିନ୍ତୁ ଦୀର୍ଘ ୪୬ ବର୍ଷ ଧରି ବେସରକାରୀ ମାଲିକାନାରେ ବାଡ ଭିତରେ ରହି ଅପୂଜା ଥିବା ପ୍ରଭୁ ରୁଦ୍ରନାଥଙ୍କ ମନ୍ଦିରକୁ ଆଜି ପର୍ଯ୍ୟନ୍ତ ବାଟ ନ ଥିଲା । ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, ଦେବୋତ୍ତର ବିଭାଗ, ସିନେମା ହଲ୍ ମାଲିକ, ସହରର କିଛି ଭକ୍ତ ଶ୍ରଦ୍ଧାଳୁ, ସାମ୍ବାଦିକଙ୍କ ମିଳିତ ସହଯୋଗରେ ଖୋଦ୍ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଉଭୟ ଏଡିଏମ୍ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ପୌର ଅଧିକାରୀ ଋଷି ମାଝୀଙ୍କ ଉପସ୍ଥିତରେ ଅଷ୍ଟ ଶମ୍ଭୁ ମହାପ୍ରଭୁ ମଧ୍ୟରେ ଥିବା ରୁଦ୍ରନାଥ ମହାପ୍ରଭୁଙ୍କ ମନ୍ଦିର ପରିସର ସଫା କରାଯାଇ ବାଟ ଫିଟିଛି । ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ଜମି ମାଲିକ ହୃଦାନନ୍ଦ ମେହେର, ଜୟରାମ ମେହେର, ସାମ୍ବାଦିକ ମନରଞ୍ଜନ ତ୍ରିପାଠୀ, ସ୍ଥାନୀୟ ଅଞ୍ଚଳର ଦୀପକ ମହାପାତ୍ର, ମହେଶ ପୂଜାହାରି ପ୍ରମୁଖ ଉପସ୍ଥିତ ଥିଲେ । ସ୍ମରଣ ଯୋଗ୍ୟ ଯେ ଅନେକ ବର୍ଷରୁ ଏଭଳି ଅଚଳାବସ୍ଥା ଯୋଗୁଁ ପ୍ରଭୁ ରୁଦ୍ରନାଥଙ୍କୁ କେହି ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ ପାଉ ନଥିଲେ । ଏ ସଂପର୍କରେ ଆଗରୁ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଉଥିଲା ବେଳେ ଏବେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦୀପକ ମହାପାତ୍ର, ମହେଶ ପୂଜାହରୀ ଓ କାମ୍ପାଲ ବାଗଙ୍କ ସହ ସ୍ଥାନୀୟ ଅଞ୍ଚଳର କିଛି ସଚେତନ ବ୍ୟକ୍ତି ଅଭିଯୋଗ କରିବାପରେ ଜିଲ୍ଲାପାଳଙ୍କ ତ୍ୱରିତ ପଦକ୍ଷେପ ଗ୍ରହଣ ଯୋଗୁଁ ଆଜି ଏହା ସମ୍ଭବ ହୋଇପାରିଥିବା ଜଣାଯାଇଛି । ଏ ନେଇ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଥିଲେ ପ୍ରଭୁଙ୍କ ଇଚ୍ଛା ପରେ ଆଜି ମନ୍ଦିରର ବାଟ ଫିଟିଛି । ଏହି ଜାଗା ମାଲିକଙ୍କୁ ବୁଝାଇଥିଲୁ ସେମାନେ ବାପା ପୁଅ ସ୍ୱଇଚ୍ଛାରେ ଆଜି ଜିଲ୍ଲା ପ୍ରଶାସନ ପାଖରେ ପହଞ୍ଚି ମନ୍ଦିର ବାଟ ଫିଟାଇବାକୁ ଯେତେ ଜମି ଦରକାର ଯୋଗାଇ ଦେବାକୁ ରାଜି ହେବା ବିଷୟ ଓ ଭକ୍ତ ଶ୍ରଦ୍ଧାଳୁ ବହୁତ୍ ଖୁସି ଅଛନ୍ତି ବୋଲି । ଜିଲ୍ଲା ପ୍ରଶାସନ ଦେବୋତ୍ତର ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ମନ୍ଦିର ପୁନଃ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ହେବ । ପ୍ରଭୁ ପୂଜା ପାଇବେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ଜିଲ୍ଲାପାଳ ଡ଼. ସାହୁ ମତ ରଖିଥିଲେ । ମନ୍ଦିର ଖୋଲିବା ଓ ବାଟ ଫିଟାଇବା ନେଇ ପୌର ପରିଷଦ ଓ ଅଗ୍ନିଶମ ବାହିନୀ ପହଞ୍ଚି ଏଠାକାର ଅନାବନା ଗଛ ଅଳିଆ ଆବର୍ଜନା ସବୁକୁ ଯୁଦ୍ଧ କାଳୀନ ଭିତ୍ତିରେ ସଫେଇ ଅଭିଯାନ ଜାରି ରଖିଛନ୍ତି ବୋଲି ଦେବୋତ୍ତର ବିଭାଗ ଅଧିକାରୀ ଡ଼ ସୌମ୍ୟାରୂପା ରଥ ପ୍ରକାଶ କରିଛନ୍ତି । ଆଜିର ଏହି ଐତିହାସିକ ପଦକ୍ଷେପ ପାଇଁ ଜିଲ୍ଲା ପ୍ରଶାସନ, ଦେବୋତ୍ତର ବିଭାଗ ବିଶେଷ କରି ବେସରକାରୀ ଜାଗାରେ ଆବଦ୍ଧ ହୋଇ ରହିଥିବା ଜମି ମାଲିକଙ୍କୁ ବୁଦ୍ଧିଜୀବି କୃତଜ୍ଞତା ଜ୍ଞାପନ କରିଛନ୍ତି । ପ୍ରଭୁଙ୍କୁ ପ୍ରତ୍ୟହ ଦର୍ଶନ କରିବା ସୁଯୋଗ ମିଳିବ ବୋଲି ଭକ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସହରରେ ଖୁସିର ଲହର ଖେଳିଯାଇଛି ।



# ଲୋକକଳା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ



**ରାଇଘର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଇଘର ବ୍ଲକ ପ୍ରଶାସନ ତରଫରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ସଭାଗୃହ ଠାରେ ରାଇଘର ଅଞ୍ଚଳର ବିଭିନ୍ନ ଗ୍ରାମରୁ କଳାକାର ଉପସ୍ଥିତ ରହି ଗୀତ, ବାଦ୍ୟ, ସଂସ୍କୃତିକ, ଆଞ୍ଚଳିକ କଳା ଦେଖିବାକୁ କରେ ବ୍ଲକ ଅଧକ୍ଷ ଗୁପ୍ତପ୍ରସାଦ ଝାଙ୍କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ସାଂସଦ - ପ୍ରତିନିଧି ଶିବନାଥ ବାନାର୍ଜୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ବସନ୍ତ ଡ଼ଙ୍ଗରି, ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନ ମାଟିଆଙ୍କ ସମେତ ଜଣ ସାଧାରଣ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ । ଲୋକକଳା ଆମ ସଂସ୍କୃତି ତଥା ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ । ଏହାର ସୁରକ୍ଷା ତଥା ବିକାଶ ଆମର ଉତ୍ତରଦାଇତ୍ୱ ବୋଲି ସମ୍ମାନିତ ଅତିଥି ମାନେ କହିଥିଲେ, ଶେଷରେ ସ୍ଥାନୀୟ ଲୋକ କଳା ନୃତ୍ୟ ପରିବେଷଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେଇଥିଲା ।

# ଏପ୍ରିଲ ୧୫ରେ ଭୁବନେଶ୍ୱରରେ ହେବ ଓଡ଼ିଶା ଜନତା କଂଗ୍ରେସର ମହାସମାବେଶ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର ରୋଡ ଠାରେ ବରିଷ୍ଠ ନେତା ଗୋବିନ୍ଦ ସାମଲଙ୍କ ସଭାପତିତ୍ୱରେ ଆସନ୍ତା ଏପ୍ରିଲ ୧୫ ତାରିଖ ଭୁବନେଶ୍ୱର ଠାରେ ହେବାକୁ ଥିବା ମହାସମାବେଶ ପାଇଁ ବ୍ୟାପକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ତରୀୟ ଏହି ସମାବେଶକୁ ସଫଳ କରିବା ନିମନ୍ତେ ରାଜ୍ୟ ସଭାପତି ମହମଦ ମୋକିମଙ୍କ ଆହ୍ୱାନ କ୍ରମେ ଯାଜପୁର ଜିଲ୍ଲାର ୭ ଗୋଟି ନିର୍ବାଚନ ମଣ୍ଡଳୀରୁ ୨ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦାନ କରିବେ ବୋଲି ପାର୍ଟିର ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଓଡ଼ିଶାରେ ଏହା ଏକ ବିକଳ୍ପ ପାର୍ଟି ଭାବେ ଉଭା ହେବା ସହିତ ରାଜ୍ୟର ଜମି, ଜଳ, ଜଙ୍ଗଲକୁ ସୁରକ୍ଷିତ ରଖିବା ସହିତ ମଦମୁକ୍ତ ରାଜ୍ୟ ଗଠନ, ସରକାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେବା, ଦାଦନ ମୁକ୍ତ କରି ନୂତନ ନିଯୁକ୍ତି ସୃଷ୍ଟି କରିବା ବିଶେଷ କରି କୃଷି ଓ ୩୦୦ ୟୁନିଟ ବିଜୁଳିକୁ ଶୁଳ୍କମୁକ୍ତ କରିବା ଦାବିରେକୁ ନେଇ ପାର୍ଟି ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ ଲଢେଇ ଜାରି ରହିବା ପାଇଁ ଏହି ମହାସମାବେଶର ମୁଖ୍ୟ ଆହ୍ୱାନ ହେବ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆକାଶ ଛୁଆ ଦରଦାମ ବୃଦ୍ଧି, ରନ୍ଧନ ଗ୍ୟାସ ସଂକଟ, ଆଉଟସୋସିଂ କର୍ମଚାରୀମାନଙ୍କୁ ସ୍ଥାୟୀ ନକଲେ ତୃଣମୂଳ ସ୍ତରରୁ ଆନ୍ଦୋଳନକୁ ସଂଗଠିତ କରିବାକୁ ଜିଲ୍ଲା କମିଟିରେ ବିଭିନ୍ନ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ରାୟ, ନରେଶ କୁମାର ମହାନ୍ତି ସୁରେଶ କୁମାର ସାହାଣୀ, ମନୋରଞ୍ଜନ ନାୟକ, ସେକ ବଦ୍ରିଉଦ୍ଦିନ ପ୍ରଶାନ୍ତ କୁମାର ସାହୁ ଦିଲ୍ଲୀପ କୁମାର ରାଉତ ଭବାନୀ ଶଙ୍କର ଦେଓ ପ୍ରଦୀପ୍ତ କୁମାର ଧଳ ଜଗନ ଜେନା, ବିଜୟ କୁମାର ଦାସ, ସଂଗ୍ରାମ କେଶରୀ ରାୟ, ସୁରେନ୍ଦ୍ର ପାତ୍ର, ବିଦ୍ୟାଧର ଯେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୪।୨୦୨୬, ଚୈତ୍ର ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୩୭ ଚନ୍ଦ୍ରୋଦୟ- ରାଘ ୩।୦୭।୨୮**

**ଏକାଦଶୀ-** ରାଘ ୧।୧୧ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର ଦିଘ ୪।୦୫ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ରାଘ ୧।୧୧ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୭।୦୯ ମଧ୍ୟେ । ଦିଘ ୧୦।୩୪ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ, ବରୁଥିନୀ ଏକାଦଶୀ, ଜାଲିଆନାୱାଲାବାଗ ଦିବସ ।



**ମେଷ:** ପରିଶ୍ରମ ମାତ୍ରା ସାମାନ୍ୟ ବଢ଼ିବାର ସମ୍ଭାବନା । ଆର୍ଥିକ ସ୍ଥିତି ମଜବୁତ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଲାଭ କରିପାରନ୍ତି । ମନ ପ୍ରଫୁଲ ରହିବ । ଦେହ ଭଲ ରହିବ ।



**ବୃଷ:** ସେବା ପୂଜା ନିମନ୍ତେ ଦିନଟି ଉତ୍ତମ ଅଟେ । କର୍ମକ୍ଷେତ୍ରରେ ପଦୋନ୍ନତିର ଆଶା । ଶତ୍ରୁ ନାଶ ହେବ । ପ୍ରୀତି ଭୋଜନ ମିଳିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ ।



**ମିଥୁନ:** ଶାରୀରିକ ପୀଡା ଦେଖାଦେଇପାରେ । ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ପରିବାରରେ ସମସ୍ୟା ଦେଖାଦେଇପାରେ । ଯାନବାହାନ ଠାରୁ ସତର୍କତା ଅବଲମ୍ବନୀୟ । ବ୍ୟୟ ଯୋଗ ।



**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ନୂତନ ମିତ୍ର ଲାଭ ହେବ । ଆୟର ପରିମାଣ ବଢ଼ିବ । ଆଳସ୍ୟ ପରାୟଣ ହେବେ । ପିଲାମାନେ ପଢାପଢିରେ ଅବହେଳା କରିବେ ।



**ସିଂହ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯାତ୍ରାରେ କ୍ଲେଶ ହୋଇପାରେ । ପରେ ଅଶାନ୍ତି ଦେଖାଦେବାର ସୂଚନା । ମନ ଅସ୍ଥିର ରହିବ ।



**କନ୍ୟା:** ଶତ୍ରୁ ଉପରେ ବିଜୟ ହାସଲ କରିବେ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଖୁସିର ଲହରୀ ଖେଳିବ । ଶୁଭ ଖବର ମିଳିବାର ସମ୍ଭାବନା ।



**ତୁଳା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିଦ୍ରୋହ ଭାବ ଦେଖାଦେବ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି ।



**ବିଛା:** ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ବ୍ୟବସାୟରେ ଲାଭବାନ ହେବେ । ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ । ଗୃହେ ଆନନ୍ଦ ।



**ଧନୁ:** ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ମକର:** ହଠାତ୍ କୌଣସି ଏକ ଶୁଭ ଖବର ପାଇ ଆନନ୍ଦିତ ହେବେ । ସତ୍ କାର୍ଯ୍ୟରେ ମନ ନିବେଶ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ସୁଖ,ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କର୍ମକ୍ଷେତ୍ରରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଗୃହେ ଖୁସିର ବାତାବରଣ ଦେଖାଦେବ ।



**ମୀନ:** ଆଜି ଆପଣ ନିଜ ବିରୋଧୀ ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । ଆୟ ଯୋଗ ରହିଛି । ଦ୍ରବ୍ୟ ନଷ୍ଟ ମଧ୍ୟ ହୋଇପାରେ । ପାରିବାରିକ ଜୀବନରେ ସୁଖ ଶାନ୍ତି ଦେଖାଦେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା ୧୪।୦୪।୨୦୨୬, ଚୈତ୍ରଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୦।୪୯ ଚନ୍ଦ୍ରୋଦୟ-ଦିଘ ୩।୪୫।୨୨**

**ଦ୍ୱାଦଶ-ଦିଘ**୧୨।୧୪ପର୍ଯ୍ୟନ୍ତ । ଶତଭିଷାନକ୍ଷତ୍ର ଦିଘ୪।୦୭ପର୍ଯ୍ୟନ୍ତ **କୁମ୍ଭଚନ୍ଦ୍ର-ଅହୋରାତ୍ର । ଚନ୍ଦ୍ରଶୁଦ୍ଧି-**ମେଷ,ତୁଳା,ସିଂହ, କନ୍ୟା,ବିଛା, ଧନୁ,କୁମ୍ଭ, ରାଶିର **ଘାତ ଚନ୍ଦ୍ର-**ମିଥୁନ ଓ ମୀନ **ଶ୍ରାଦ୍ଧନିର୍ଣ୍ଣୟ-ଦ୍ୱାଦଶୀର ଏକୋଦିଷ୍ଠ ଓ ପାର୍ବଣ ଶ୍ରଦ୍ଧ । ନିଷିଦ୍ଧ ଖାଦ୍ୟ-**ପୋଇ ମସୁର ରାଘ ୦୨/୧୪ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୫ ଗତେ ଦିଘ ୧୦।୩୭ ମଧ୍ୟେ ଦିଘ୧।୦୩ଗତେ ଦିଘ୧।୨୪ ମଧ୍ୟେ । ପର୍ବୋତ୍ସବ-ମହା ବିଶୁବ ସଂକ୍ରାନ୍ତି (ପଣା) ସଂକ୍ରାନ୍ତି ମେଷ ସଂକ୍ରାନ୍ତି ଓଡ଼ିଆ ନବବର୍ଷ, ଅନୁମାନ ଜୟନ୍ତୀ ।

32 YEARS
ସମ୍ବାଦ କଳିକା

# ୟୁପିଆଇରେ ୧୦ ହଜାରରୁ ଅଧିକ ଟଙ୍କା ଘଣ୍ଟାଏ ବିଳମ୍ବରେ ପହଞ୍ଚିବ

ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ ବା ୟୁପିଆଇ ଜରିଆରେ ଟଙ୍କା ନେଣଦେଣ ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହୋଇଛି। ଏହା ଲୋକମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି। ତେବେ ଦେଶରେ ଡିଜିଟାଲ ଠକେଇ ବୃଦ୍ଧି ପାଉଥିବାରୁ କେତେକ ନିର୍ଦ୍ଦିଷ୍ଟ ପ୍ରକାର ୟୁପିଆଇ କାରବାର ଉପରେ କଟକଣା ଲଗାଇବା ବିଷୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବିଚାର କରୁଛି। ଗୋଟିଏ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ୧୦ ହଜାର ଟଙ୍କାରୁ ଅଧିକ ପଠାଇଲେ ତାହା ସଙ୍ଗେ ସଙ୍ଗେ ଯିବ ନାହିଁ।

ଏକ ଘଣ୍ଟା ବିଳମ୍ବରେ ସେହି ଟଙ୍କା ପାଇବାକୁ ଥିବା ବ୍ୟକ୍ତିଙ୍କ ଆକାଉଣ୍ଟରେ ପହଞ୍ଚିବ। ପେମେଣ୍ଟ୍ କରିବା ମାତ୍ରେ ପଠାଇଥିବା ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବ, କିନ୍ତୁ ତାହା ପାଇବାକୁ ଥିବା ବ୍ୟକ୍ତିଙ୍କ ଖାତାରେ ଜମା ହେବ ନାହିଁ। ତାହା ଅଲଗା ରହିବ। ଯଦି ପଠାଇଥିବା ବ୍ୟକ୍ତିଙ୍କୁ ଲାଗିବ ଯେ ସେ ଭୁଲରେ ଟଙ୍କା ପଠାଇ ଦେଇଛନ୍ତି, ତେବେ ଉକ୍ତ ସମୟ ସୀମା ଭିତରେ ସେ ସେହି କାରବାରକୁ ବାତିଲ କରିପାରିବେ। ଫଳରେ ତାଙ୍କ ଖାତାକୁ ସେହି ଟଙ୍କା ଫେରିଆସିବ। ବିଳମ୍ବ ସମୟ ଭିତରେ କାରବାରଟି ସ୍ୱାଭାବିକ ଲାଗୁଛି ନା ନାହିଁ, ତାହାକୁ ବ୍ୟାଙ୍କଗୁଡ଼ିକ ଯାଞ୍ଚ କରିପାରିବେ। କୌଣସି ନୂଆ ଖାତାକୁ ହଠାତ୍ ମୋଟା ଅଙ୍କର ଟଙ୍କା ପଠାଇବା ଭଳି ମାମଲାରେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଆଉ ଥରେ ତାହାକୁ ସ୍ପଷ୍ଟ କରିବାକୁ କହିପାରିବେ। କିଛି ଅସ୍ୱାଭାବିକ ମନେ ହେଲେ ବ୍ୟାଙ୍କ ସେହି କାରବାରର ପ୍ରକ୍ରିୟାକରଣକୁ ଅଟକାଇପାରିବେ। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁସାରେ ୪୫ ପ୍ରତିଶତ ଡିଜିଟାଲ ଠକେଇ ୧୦ହଜାର ଟଙ୍କାରୁ ଅଧିକ ବର୍ଗରେ ହୋଇଛି ଓ ୯୮.୫ ପ୍ରତିଶତ ମାମଲାରେ ଟଙ୍କା ଆଉ ଫେରିନାହିଁ। ସେଥିପାଇଁ ଏହା ମୋଟା ଅଙ୍କର କାରବାରରେ ଠକେଇ ଆଶଙ୍କା ଅଧିକ ରହୁଥିବା ଭାବୁଛି। ୭୦ ବର୍ଷରୁ ଅଧିକ ବର୍ଷର ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଅଧିକ ସତର୍କତା ଅବଲମ୍ବନ କରିବାକୁ ରିଜର୍ଭ ବ୍ୟାଙ୍କ ଭାବୁଛି। ବିଶେଷ କରି ସେମାନେ କରୁଥିବା ୫୦ ହଜାର ଟଙ୍କାରୁ ଅଧିକ କାରବାର ଉପରେ ଜଣେ 'ବିଶ୍ୱସ୍ତ ବ୍ୟକ୍ତି'ଙ୍କ ଅନୁମୋଦନ ପ୍ରକ୍ରିୟା ଯୋଡ଼ିବା ଉପରେ ବିଚାର କରାଯାଉଛି। ଫଳରେ ଡିଜିଟାଲ ଠକମାନେ ସାମାଜିକ ଚାଲିଚଳଣୀ ବାହାନାରେ ଆଉ ବୟସ୍କମାନଙ୍କୁ ଠକି ପାରିବେ ନାହିଁ। ତେବେ ମୋଟା ଅଙ୍କର ୟୁପିଆଇ ପେମେଣ୍ଟରେ ବିଳମ୍ବ ବିକଳ୍ପ ବ୍ୟବହାରକାରୀଙ୍କ ଇଚ୍ଛାଧୀନ ରହିବ। ଯେଉଁମାନେ ତାହାକୁ ବ୍ୟବହାର କରିବାକୁ ଚାହୁଁନାହାନ୍ତି, ସେମାନେ ସେହି ବିକଳ୍ପରୁ ବାହାରିଯାଇପାରିବେ। କିନ୍ତୁ ସେମାନଙ୍କ ପ୍ରତି ଠକେଇ ଆଶଙ୍କା ରହିବ ବୋଲି ରିଜର୍ଭ ବ୍ୟାଙ୍କ ସତର୍କ କରାଇବ। ତେବେ ଦୈନନ୍ଦିନ ପେମେଣ୍ଟ୍, ଅଟୋ ଡେବିଟ୍, ଇଏମ୍ଆଇ ଓ ସବକ୍ରିପ୍ସନ୍ ପେମେଣ୍ଟ୍ ଯେଭଳି ପ୍ରଭାବିତ ହେବ ନାହିଁ, ତାହା ଉପରେ ଧ୍ୟାନ ଦିଆଯିବ। ତେବେ ବର୍ତ୍ତମାନ ଏହା କେବଳ ଏକ ପ୍ରସ୍ତାବ ହୋଇ ରହିଛି। ଏହା ଉପରେ ମେ ୮ ସୁଦ୍ଧା ମତାମତ ପଠାଇବାକୁ ରିଜର୍ଭ ବ୍ୟାଙ୍କ କହିଛି। ଯଦି ଏହି କଟକଣା ଲାଗୁ ହେବ ତେବେ ଆଗାମୀ ଦିନରେ ଡିଜିଟାଲ ପେମେଣ୍ଟରେ ବଡ଼ ଧରଣର ପରିବର୍ତ୍ତ ଘଟିବ, କିନ୍ତୁ ତାହା ଅଧିକ ସୁରକ୍ଷିତ ହୋଇପାରିବ।

# ଗୀତି ନାଟ୍ୟର ଅନନ୍ୟ ବିନ୍ଧାଣି ଗୋପାଳ ଦାଶ -୨

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କବି ଗୋପାଳ ଦାସଙ୍କ ବିଭିନ୍ନ ନୃତ୍ୟନାଟିକା; ଏଥିରେ ଯୁଦ୍ଧର ବର୍ଣ୍ଣନା ଅତି ପ୍ରାଞ୍ଜଳ। 'ଚଣ୍ଡୀ ଯୁଦ୍ଧ' ନୃତ୍ୟ ନାଟିକା; ଯୁଦ୍ଧ ଏହାର ମୁଖ୍ୟ ପ୍ରସଙ୍ଗ। ଦେବୀଙ୍କ ରୁଦ୍ର ମୂର୍ତ୍ତି; ଦୈତ୍ୟ ଶୁମ୍ଭ, ନିଶୁମ୍ଭ ନିଧନ ହେଲେ। ଶେଷରେ ମହାପ୍ରତାପୀ ମହିଷା ସହ ଘୋର ରଣ। କବିଙ୍କ ଭାଷାରେ -

"ମୈଷା ଛାଡ଼େ ସିଂହରଡ଼ି, ବୁକୁରେ ଗଦା କୋଡ଼ି / ଜାଣିନାହୁଁ ମୋ ବଳିଷ୍ଠପଣ / ଲକ୍ଷେ ଲକ୍ଷେ ନୃପ ଆସି, ଶରଣ ଅଛନ୍ତି ପଶି / ମୁକ୍ତି ଚାହେଁ ଗୋପାଳଚରଣ।"

ଅନୁରୂପ ଭାବେ ଦେବୀଙ୍କର ଚଣ୍ଡ-ମୁଣ୍ଡଙ୍କ ସହ ଭୀଷଣ ରଣ। ମହାପ୍ରତାପରେ, ଅତି ଭୟଙ୍କର ଭାବରେ ରଣକ୍ଷେତ୍ରେ ବିଜେ ସେମାନଙ୍କର - "ବାହାର ଚଣ୍ଡ ମୁଣ୍ଡ କି ପ୍ରଚଣ୍ଡ ରୂପଖଣ୍ଡ / ପହଣ୍ଡ ପକାଇଲେ କମ୍ପୁଅଛି ରାଜଦାଣ୍ଡ / ବିକଟାଳ ବଦନ ଅତିହିଁ ଲମ୍ବ ବଦନ / କ୍ଷଣକରେ ଛେଦନ କରିପାରନ୍ତି ବ୍ରହ୍ମାଣ୍ଡ / ଶିରରେ ଯାଙ୍କର କେଶ ଚାହାନ୍ତେ ଉଡ଼େ ସାହସ/ ଗୋପାଳ ଚରଣ ଭାଷ ଭୟ ଟୋକା ଦୁଇଖଣ୍ଡ।" ମହିଷା ଆସୁଛି ଭୟଙ୍କର ରୂପରେ। ମା' ଦୁର୍ଗା ନବକୋଟି କାତ୍ୟାୟିନୀଙ୍କୁ ଜନ୍ମ ଦେଲେ। ତା' ପରେ ମହାଯୁଦ୍ଧ - "ମର୍ତ୍ତ୍ୟପୁରେ ପାଦ ଆକାଶେ ଲାଗେ ଶିର / ମୈଷା ସଙ୍ଗେ ଆଦିମାତା କରିଲେ ସମର / ପାଦେ ତୁଟିଲେ ଗିରି / ଥରହର ହେଲା ଏ ବସୁନ୍ଧରୀ / ସ୍ୱର୍ଗେ ଦିନା ଚାରି ପାତାଳରେ ଦିନା ଚାରି / ସମୁଦ୍ରରେ ଦିନା ଚାରି ପୁଣି ବସୁନ୍ଧରୀ / ରଣେ ଦୁର୍ଗା ଥକିଲେ / ମଙ୍ଗଳା ଜନ୍ମ ଗୋପାଳ ବୋଲେ।" ଶେଷରେ ମହିଷାର ଦେବୀଙ୍କ ରୂପ ଯୌବନ ଦେଖିବାର ଲାଳସା; ହେଲା ନିସ୍ତେଜ। ଦେବୀଙ୍କର ବର୍ଚ୍ଛା ମହିଷାର ହିଆ ବିଦ୍ଧ କଲା। ମହିଷା ପ୍ରାଣ ହରାଇଲା। ପୁନଶ୍ଚ "ଗୟାସୁର ହରି ପାଦପଦ୍ମ ଲାଭ" ନାଟିକାରେ ଇନ୍ଦ୍ରଙ୍କ ଦମ୍ଭୋକ୍ତି - "ଅଣ୍ଡାଖଣ୍ଡ ତେଣ୍ଡ ବୁଦ୍ଧି ଷେଣ୍ଢା ମୋଡ଼ି ଦେବା / ଭେଣ୍ଡା ହୋଇଥିଲେ ତାକୁ କୁଣ୍ଢାଇ ମାରିବା ଭଣ୍ଡାଇ ଆଣି / ମେଣ୍ଢାପରି ମୁଣ୍ଡ ଦେବା ହାଣି / କୁଣ୍ଡା ପଟପରି ଦଣ୍ଡକରେ ଗୁଣ୍ଡା ହେବ / ଖଣ୍ଡାହସ୍ତ ହେଲେ ଯାଇଁ ଦଣ୍ଡାରେ"- ଏ କୂଟନୀତି ଗୟାସୁର ବିରୁଦ୍ଧରେ। ଏ ସମସ୍ତ ବର୍ଣ୍ଣନାରୁ ସେତେବେଳକା ଯୁଦ୍ଧର ବିଭୀଷିକା ଚିତ୍ର ଅତି ସ୍ପଷ୍ଟ। ପ୍ରକାଶ ଥାଉକି ନ ଥିଲା ଆଧୁନିକ ଯୁଦ୍ଧ ଶୈଳୀ ଅବା ସରଞ୍ଜାମ। ଖଣ୍ଡା, ଖର୍ପର, ଢାଲ, ତେଣ୍ଟା, ବର୍ଚ୍ଛା, କୃପାଣ, ତ୍ରିଶୂଳ, ଧନୁ, ତୀର - ଏ ଥିଲା ପୁରାଣ ଯୁଗର ଯୁଦ୍ଧ ସରଞ୍ଜାମ, ବ୍ୟବହୃତ ହେଉଥିଲା ସମ୍ମୁଖ ସମରରେ।

ବିବାହ ବନ୍ଧନ ଏକ ସାମାଜିକ ପ୍ରକ୍ରିୟା। କନ୍ୟାର ବର ନିର୍ବାଚନ, ତା' ପାଇଁ ଥିଲା ଢେର୍ ସ୍ୱାଧୀନତା। 'କନ୍ୟା ବରୟେତ୍ ରୂପମ୍' - ଏ କଥାଟି ସମାଜରେ ପ୍ରଚଳିତ ଥିଲା। ପୁରାଣ ଯୁଗରେ ରାଜାମାନେ ସ୍ୱୟମ୍ବର ଆୟୋଜନ କରୁଥିଲେ। ମହାରାଜାମାନେ ଆମନ୍ତ୍ରିତ। ରାଜକନ୍ୟା ହାତରେ ବରଣମାଳା, ତା' ମନଲାଖି ବର ଗଳାରେ ଲମ୍ବାଇଦିଏ। ତା' ପରେ କନ୍ୟାଦାନ। ମହାଭାରତର ଦ୍ରୌପଦୀ, ରାମାୟଣ ମହାକାବ୍ୟର ସୀତା। ସବୁଠି ବିବାହ ପାଇଁ ସ୍ୱୟମ୍ବର। ରାଜର୍ଷି ଜନକଙ୍କର ସୀତାଙ୍କ ପାଇଁ ସ୍ୱୟମ୍ବର; ଶିବଧନୁ ରଖାଗଲା। ଯିଏ ଭାଙ୍ଗିବ, ସେ ସୀତାଙ୍କ ପାଣି ଗ୍ରହଣ କରିବ, ତାହାହିଁ ହେଲା। ପ୍ରଭୁ ଶ୍ରୀରାମ ଶିବଧନୁ ଭଗ୍ନକଲେ। ସୀତାଙ୍କ ପାଣିଗ୍ରହଣ କଲେ। ଉକ୍ତ ପ୍ରସଙ୍ଗଟିରେ ଗୋପାଳ ଦାଶଙ୍କ ବର୍ଣ୍ଣନା- "ଲାଲ ପଗଡ଼ି ଡାକନ୍ତି ଚାଲ ଚାଲ / ଯୋଡ଼ା ଯୋଡ଼ା ପାଇବ ନିଶକୁ ମୋଡ଼ାମୋଡ଼ା / କଥା କଡ଼ା କଡ଼ା କେ ବୋଲଇ ବଡ଼ା ବଡ଼ା / ବଡ଼ ବଡ଼ ଶୁଭିଲାକ ଧନୁ ରଡ଼ରଡ଼ / ହରି ହରି ବୋଲିଣ ଉଠିଲେ ଧଡ଼ପଡ଼ / ଥର ଥର ହେଲା ପୃଥ୍ୱୀ କଲେ ଡର ଡର / ଧର ଧର ଡାକ ପଡ଼େ ପ୍ରେମେ ଜର ଜର / କର ବର ଦୁହିତା ପ୍ରଦାନ ତରତର / ବାର ବାର ନିଷେଧିଲେ ରାମ ବୀରବର।" ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ - ଚାରିଭ୍ରାତା। ଜନକଙ୍କ କୁଶଧ୍ୱଜ ଭ୍ରାତାଙ୍କର ଦୁଇ ଦୁହିତା, ଜନକଙ୍କର ପୁତ୍ରୀ - ଉର୍ମିଳା, ସୀତା - ଏ ଦୁଇ ଭଗିନୀ। ଏ ଚାରି ଭଉଣୀଙ୍କର ଏକା ସଙ୍ଗେ ବିବାହ ସମ୍ପନ୍ନ। ଶ୍ରୀରାମଚନ୍ଦ୍ର ସୀତାଙ୍କୁ ପତ୍ନୀ ରୂପେ ଗ୍ରହଣ କଲେ। ସ୍ୱୟମ୍ବର ପ୍ରଥା ଢେର୍ ଦିନ ଚାଲିଲା। ଇତିହାସରେ ସ୍ୱୟମ୍ବର କଥାଟିର ନଜିର ଟିଏ। ପୃଥ୍ୱୀରାଜ, ଜୟଚନ୍ଦ୍ରଙ୍କ ମଧ୍ୟରେ ଶତ୍ରୁତା, ସଂଯୁକ୍ତାଙ୍କ ସ୍ୱୟମ୍ବର। ଜୟଚନ୍ଦ୍ରଙ୍କ ମୂର୍ତ୍ତି ସ୍ଥାପନ। ସଂଯୁକ୍ତା ମୂର୍ତ୍ତିରେ ବରଣମାଳା ଦେବା - ପୃଥ୍ୱୀରାଜ ସଂଯୁକ୍ତାଙ୍କୁ ଅଶ୍ୱପିଠିରେ ନେଇଯିବା, ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କ ମଧ୍ୟରେ ଯୁଦ୍ଧ, ମହମ୍ମଦ ଘୋରୀ ପୃଥ୍ୱୀରାଜଙ୍କ ପକ୍ଷ ନେବା, ଶେଷରେ ଦିଲ୍ଲୀ ସିଂହାସନ ହାତେଇବା - ଏ କଥାଟି ଐତିହାସିକ ସତ୍ୟ। ସେତେବେଳେ ଯୌତୁକ ପ୍ରଥା ଥିଲା; ମାତ୍ର କନ୍ୟା ଜନ୍ମ ଆଶୀର୍ବାଦ, ଅଭିଶାପ ନୁହେଁ; ଏହା ଥିଲା ଦୃଢ଼ ବିଶ୍ୱାସ। କନ୍ୟାଟିଏ ଜନ୍ମ ପରେ ତା'ର ଲାଳନପାଳନ, ଆଦରଯତ୍ନ - ଏଥିରେ ହେଳା ନ ଥାଏ। କିନ୍ତୁ ବିବାହଯୋଗ୍ୟା କନ୍ୟା; ଘରେ ଅଧିକ ଦିନ ରହିବା ଅନୁଚିତ। "କୃଷ୍ଣ ଜନ୍ମ ସୁଆଙ୍ଗ"ରେ ଉଗ୍ରସେନର ଚିନ୍ତା, କଂସର ରାଜତ୍ୱ; ମାତ୍ର ଭଗିନୀର ବିବାହ ଚିନ୍ତା ନାସ୍ତି। ଉଗ୍ରସେନର କନ୍ୟା ଦାନ ଚିନ୍ତା -

"ରଜୋବତୀ କନ୍ୟା ଘରେ ଉଚିତ ନୁହେଁ ଥିବାରେ / ପିତୃ ପଡ଼ନ୍ତେ ନର୍କରେ ଅପ୍ରୀତି ବିବାହରେ / ଅଇଲେ ସେ କଂସ ଦୁଷ୍ଟ ସକଳ ହେବ ଅନିଷ୍ଟ / ଗୋପାଳ ବୋଲାଇ ୯'ଟି ପ୍ରଦାନ କରିବାରେ।"

କନ୍ୟାର ବିବାହ ସମ୍ପନ୍ନ। ତା' ପରେ କନ୍ୟା ବିଦାୟ ପ୍ରସଙ୍ଗ। ପିତା, ମାତା ଶୋକାକୁଳ। ଏକଥାଟି ନର, ଦାନବ, ଗନ୍ଧର୍ବ, କିନ୍ନର - ଏପରିକି ଦେବତାମାନଙ୍କ ନିକଟରେ ପରିଲକ୍ଷିତ। ଶକୁନ୍ତଳା, ଦୁଷ୍ମନ୍ତଙ୍କ ପ୍ରେମ, ତତ୍‌ପରେ ବିବାହ। ଶକୁନ୍ତଳାଙ୍କର ହସ୍ତିନା ଗମନ ଦୁଷ୍ମନ୍ତଙ୍କ ସହ। ପିତା କଣ୍ୱମୁନିଙ୍କ ସାନ୍ତ୍ୱନା ସହ ହିତୋପଦେଶ -

"ସ୍ୱାମୀଙ୍କୁ ମଣିଥିବୁ ଈଶ୍ୱର - ଅବଜ୍ଞା ନ ହେବ ଆଜ୍ଞା ତା'ର / ଅନୁବ୍ରତେ ତାଙ୍କ ମନ ଯୋଗାଇବୁ / ମାନ୍ୟ କରିବୁ ଶାଶୁ ଶ୍ୱଶୁର / ତାଙ୍କ ପାଦ ଧୂଳି - ଶ୍ରୀଅଙ୍ଗରେ ସଦା ହେବୁ ବୋଲି / ଦେବରଙ୍କୁ ନ ମଣିବୁ ସାନ - ନ କହିବୁ ଅସ୍ନେହ ବଚନ / ନଣନ୍ଦଙ୍କ ପ୍ରତି ଦ୍ୱନ୍ଦ୍ୱ ନ ପାଞ୍ଚିବୁ / ଦାସୀକି ଆପଣା ପରି ଘେନ / ପ୍ରଜା ପୁତ୍ର ପରି - ଚାହିଁଥିବୁ ଦରିଦ୍ର ଭିକାରି।"

ପୁତ୍ର/କନ୍ୟାଟିଏ ଭୂମିଷ୍ଠ ହେଲେ ନାନା ବିଧି ବିଧାନ। ଅନ୍ତୁଡ଼ିଶାଳ, ପାଞ୍ଚ ଦିନେ ପଞ୍ଚୁଆତି, ଉଠିଆରି, ଏକୋଇଶ ଦିନରେ ଏକୋଇଶା, ନାମକରଣ ଇତ୍ୟାଦି ସାମାଜିକ ପ୍ରଥା ପରମ୍ପରା। କବି ଗୋପାଳ ଦାସଙ୍କ ଲେଖାରେ ଏହାର ସାର୍ଥକ ଚିତ୍ର ପରିଦୃଷ୍ଟ। ଶ୍ରୀକୃଷ୍ଣଙ୍କ ଜନ୍ମ, ଅନ୍ତୁଡ଼ିଶାଳ ବିଧି ସମାପ୍ତ। ତା'ପରେ ଉଠିଆରି -

"ସର୍ବ ବଜ୍ରବାଳୀ, ହୋଇ ମେଳି ମେଳି, ଗୋଳି ହଳଦୀ ଚନ୍ଦନ / ଶ୍ରୀକୃଷ୍ଣ ଅଙ୍ଗରେ, ଅତି ଯତନରେ କରନ୍ତି ତାହା ଲେପନ / ଉଠିଆରି ଉଠାନ୍ତି, ଶୁଦ୍ଧ ଜଳେ ସ୍ନାହାନ କରନ୍ତି।"

ଗୋପ ନାରୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ - "କେ ବୋଲେ ସଙ୍ଗାତ କେଡ଼େ ଭାଗ୍ୟବନ୍ତ, ଆମ୍ଭର ଯଶୋବନ୍ତୀ ରାଣୀ / କେ ବୋଲେ ବଉଳ କେମନ୍ତ ସୁଢ଼ଳ, ରୂପ ଶଶଧର ଜିଣି / କେ ବୋଲଇ ଗୋ ଦୂତୀ, ଦେଖ କେଡ଼େ ଲାବଣ୍ୟ ମୂରତି / +++ ଧାଇଁ ଯଶୋଦା ରାଣୀ କୋଳ କଲେ ନେଇ ନୀଳମଣି / +++ ନିର୍ଦ୍ଧନର ଧନ ଅନ୍ଧର ନୟନ ପାଇଲା ପରାଏ ହୋଇ / ଯେତେ ଦାନ ପୁଣ୍ୟ ବ୍ରାହ୍ମଣେ ଭୋଜନ ଗୋପ ନଗ୍ରରେ ହୁଅଇ / କହେ ଗୋପାଳ ଛାର ଜୟ ଶବ୍ଦେ କମ୍ପେ ତିନିପୁର।"

ଶିଶୁର ଏକୋଇଶ ଦିନରେ ଏକୋଇଶା ପାଳନ। ଜ୍ୟୋତିଷ ଲେଖନ୍ତି ଜନ୍ମ ଜାତକ। ସତ୍ୟ ନାରାୟଣ ପାଲା, ନାମକରଣ - ଏ ସବୁ ସାମାଜିକ ପ୍ରଥା। ଶ୍ରୀକୃଷ୍ଣଙ୍କର ନାମକରଣ ହେବ। ଋଷିମାନେ ଉପସ୍ଥିତ, ଗର୍ଗ ଋଷିଙ୍କୁ ନନ୍ଦଙ୍କ ନିମନ୍ତ୍ରଣ। ଗଣାପୋଛା ହେବ। ଉପସ୍ଥିତ ଋଷ୍ୟଶୃଙ୍ଗ ଆବୋର ଋଷିଗଣ, ଗଣନା ଶେଷ। ବଳରାମଙ୍କର ରୋହିଣୀ କ୍ଷେତ୍ରରେ ଜନ୍ମ, ରାଶି ମକର, ରୋହିଣୀ ବୃଷରାଶିରେ ଜାତ ଜନାର୍ଦ୍ଦନ। ତା' ପରେ ନାମକରଣ, "ସର୍ବଋଷି ମେଳ ହୋଇ, ନନ୍ଦ ବସି ମନେ ଧ୍ୟାନ କରଇ ହେ / କି ନାମ ଦେବା ଗୋସାଇଁ / ହେ ତପି ସାଇଁ / ଆଦ୍ୟେ ଆଦିକନ୍ଦ ନାମ, କେଶବ ଅନନ୍ତ ମୁକୁନ୍ଦ ଶ୍ୟାମ ସେ / ଦୈତ୍ୟାରୀ ପୁରୁଷୋତ୍ତମ / ଅନ୍ତର୍ଯ୍ୟାମୀ ଭଗବାନ ଗଦାପାଣି ସନାତନ ଗୋବର୍ଦ୍ଧନ / ପଦ୍ମନାଭ ନିରଞ୍ଜନ / ବିଶ୍ୱ ବସନେ ରଘୁନାନ କୃପାଳୁ ମଧୁସୂଦନ ଜନାର୍ଦ୍ଦନ / ଶ୍ରୀହରି ବିଷ୍ଣୁ ବାମନ / ଯାମଳାର୍ଜ୍ଜୁନ ଭଞ୍ଜନ ନାମ ଶୁଣି ସର୍ବେ ହରସ ମନ ସେ / କହେ ଗୋପାଳ ଚରଣ।" ଇତ୍ୟାଦି।

ଗ୍ରାମୀଣ ଜୀବନ। ନିତି ପସରା ଧରି ବେପାରୀ, ଗାଁ ଗାଁରେ ବିକାକିଣା। କାହାର ମୁଣ୍ଡାଁ ତ କାହାର କୋଳି ଆଉ କିଏ ବିକେ ମିଠାଇ, କାକରା ଲବଙ୍ଗୀ। ଗୋପ ଗାଁରେ ଶବରୀ। ମୁଣ୍ଡରେ କୋଳି ପସରା। ସେତେବେଳେ ସଶ୍ୟ ବିନିମୟରେ କିଣାବିକା। ଶ୍ରୀକୃଷ୍ଣଙ୍କ ହାତରେ ଧାନ ଆଞ୍ଜୁଳି, ଶବରୀକୁ କହନ୍ତି, "ଭଳି ଭଳି ପାଚିଲା କୋଳି ବାଛି ବାଛି ଦିଅ ମୋ ବାଳୀ/ ବେଶିକରି ଦେଲେ ଖୁସି ହୋଇଯିବି, କାଲି ଆସିବାକୁ ନ ଥିବ ଚିନ୍ତା। +++ ପସରାରେ ଧାନ ଆଞ୍ଜୁଳି ଢାଳିଦେଲେ ସେ ବନମାଳୀ/ ତହୁଁ ଶବରୁଣୀ ଦେଲେ କୋଳି, ଗୋପାଳର ଗଲା ନାହିଁ ଦୁଃଖ କାହାଣୀ।" ସେବେକା ଚଳଣିର ଏହା ଏକ ନିଖୁଣ ବର୍ଣ୍ଣନା। (କ୍ରମଶଃ ... )

# ପ୍ରତିହିଂସାର ପତାକାବାହୀ ପ୍ରତିକ୍ରିୟାଶୀଳ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

କାହିଁ କେଉଁ କାଳୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କପିତା ବସୁଦେବ ଦେବକୀଙ୍କୁ ବାହା ହୋଇଥିଲେ । ପାଣ୍ଡବଙ୍କ ମାମୁ ଶଲ୍ୟ ଦେବକୀଙ୍କୁ ଚାହୁଁଥିଲେ, କିନ୍ତୁ ପାଇଲେ ନାହିଁ। ସେହି ହିଂସାର ଅନଳରେ ଜଳିପୋଡି ଶଲ୍ୟ ବିଚଳିତ ଥିଲେ। ଶଲ୍ୟ ମହାଯୋଦ୍ଧା ମହାଭାରତ ଯୁଦ୍ଧରେ ଯେହେତୁ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷର ସାରଥି ହେଲେ ଶଲ୍ୟ କୌରବ ପକ୍ଷର କର୍ଣ୍ଣଧାର ଦୁର୍ଯ୍ୟୋଧନ ପାଖକୁ ଗଲେ । ଏ ଦେବକୀଙ୍କୁ ନପାଇବାରୁ ଅବଦମିତ ପ୍ରତିହିଂସାର ପ୍ରଜ୍ୱଳିତ ପରିପ୍ରକାଶ ।

ମହାଭାରତର ଚକ୍ରବ୍ୟୁହକୁ ବର୍ଣ୍ଣନା କରାଯାଇପାରେ, ମାତ୍ର ଆମ ସମୟର ଚକ୍ରବ୍ୟୁହ ଅବର୍ଣ୍ଣନୀୟ । କେବଳ ଅବର୍ଣ୍ଣନୀୟ ନୁହେଁ -ଅଦୃଶ୍ୟମାନ । ଏହି ଅଦୃଶ୍ୟମାନ ଚକ୍ରବ୍ୟୁହରେ ପ୍ରତିନିୟତ ଅଗଣିତ ଅଭିମନ୍ୟୁକୁ ନିଧନ କରାଯାଉଛି। ସାରା ପୃଥିବୀରେ ତାରୁଣ୍ୟ ଏହି ଚକ୍ରବ୍ୟୁହ ମଧ୍ୟରେ ତୀଳବିଦ୍ଧ, ଅଶିବିଦ୍ଧ ଅବସ୍ଥାରେ ଉର୍ଦ୍ଧ୍ୱଶ୍ୱାସ - ଅଥଚ ଏ ଅବସ୍ଥା ଦେଖିବାକୁ ଆଖି ନାହିଁ କି ସାକ୍ଷୀ ନାହିଁ। ଏହା ତେବେ କିଭଳି ଚକ୍ରବ୍ୟୁହ ? କେଉଁଠି ଯୁଦ୍ଧ ଚାଲିଛି ? କାହିଁକି ?

ପ୍ରଶ୍ନ ପ୍ରଚୁର। ମାତ୍ର ଉତ୍ତର ନାହିଁ। ଯୁଆଡେ ଅନେଇବେ କେବଳ କବନ୍ଧ । ଗୋଟିଏ ବି ମୁହଁ କେଉଁଠି ଦିଶୁ ନାହିଁ। ମୁହଁ ଥିଲେ ସିନା କଥା ଶୁଣିବା, ମୁଖାଗୁଡାକ କ'ଣ କହିବେ ? ଆମ ଆଗରେ ଏବେ ଖାଲି ମୁଖାପିନ୍ଧା କୋଳାହଳକାରୀ। ଆମରି ଆଖି ଆଗରେ ଦେଖା ଘଟଣା । ଦୁର୍ଦ୍ଦାନ୍ତ ମହାଯୋଦ୍ଧା ସଦ୍ଦାମ ହୁସେନଙ୍କୁ ଯୁଦ୍ଧଖୋର ଆମେରିକାର ନିକସନ୍ ଟକ୍କର ଦେବାରେ ନାକେଦମ୍ ହେଇପଡିଲେ । ଆମେରିକାବାଲା ଷଡଯନ୍ତ୍ର, ବିଶ୍ୱାସଘାତକତା କରି ଇରାକ୍‌ରେ ମହାଘାତକ ପରମାଣୁ ବୋମା ଅଛି ବୋଲି ପ୍ରଚାର କରାଇ ଜବରଦସ୍ତ ପଶିଲେ । ସଦ୍ଦାମ ଛାଡିବା ଲୋକ ନୁହଁନ୍ତି । ସେ ମାନିଲେ ନାହିଁ – ମୁକାବିଲା କରିବାକୁ ପ୍ରସ୍ତୁତ ହେଲେ । ଇରାକ-ଆମେରିକାର ଘମାଘୋଟ ଯୁଦ୍ଧ ଆରମ୍ଭ ହେଲା । ଇରାକ ଧ୍ୱଂସସ୍ତୁପରେ ପରିଣତ ହେଲା । ଶେଷରେ ସଦ୍ଦାମ ହୁସେନ୍‌ଙ୍କୁ ପାତାଳ ଭିତରୁ ଧରିଆଣି ମିଛ ବିଚାରରେ ଫାଶୀଦଣ୍ଡ ଦିଆଗଲା । ନିକସନ୍ କାହିଁକି ଏମିତି କଲେ ? ସଦ୍ଦାମ ହୁସେନ ଇରାକର ଏୟାରପୋର୍ଟ ରାସ୍ତା ଚଟାଣରେ ନିକସନ୍‌ଙ୍କ ବିରାଟକାୟ ଚିତ୍ର ସ୍ଥାପନ କଲେ । ସମସ୍ତେ ନିକ୍‌ସନ୍ ଛାତି ଉପରେ ଯୋତା ମାଡି ଯିବେ । ଏହା ନିକସନ୍‌ଙ୍କୁ ବାଧିଥିଲା । ସେ ପ୍ରତିହିଂସାର ନିଆଁରେ ହୁତୁହୁତୁ ଜଳୁଥିଲେ – ତାର ଫଳ ଇରାକ ଜନଗଣ ଏପରିକି ଶିଶୁ, ନାରୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର - ଗୁଳି ବୋମାରେ ଜୀବନ ନାଶ । ଇରାକର ଅର୍ଥନୀତିକୁ ଧ୍ୱଂସ ।

ସଭ୍ୟତାର ସକରୁଣ ସ୍ମୃତି ସବୁ ଆମପାଇଁ ଅତିଷ୍ଠ ସମୟର ଉତ୍ପୀଡକ ଉପହାର । ଏ ଉପହାର ଆମ ମଣିଷ ସମାଜକୁ ଚକ୍ରବ୍ୟହର ଚରିତ୍ର ମାନଙ୍କ ପକ୍ଷରୁ ଗୋଟିଏ ଗୋଟିଏ ପ୍ରଚଣ୍ଡ ପ୍ରହାର ! ସେ ପ୍ରହରର ମନପ୍ରାଣ ତ୍ରସ୍ତ – ଚୈତନ୍ୟ ରକ୍ତାକ୍ତ – ବିବେକ କ୍ଷତାକ୍ତ । ଆମେ କ'ଣ ଏଯାବତ୍ ଭୁଲିପାରିଲୁନୁ ସେ ଅବିଶ୍ୱାସ ଦିବସର ବର୍ବର ବୃତାନ୍ତ ନା ସେଇ ଅଚିନ୍ତନୀୟ ରାତ୍ରୀର ଜଘନ୍ୟ ଯୋଜନା ? ସେ ଦାରୁଣ ଦିବସ ଆସିଥିଲା ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ । ଜୁଲିଅସ୍ ସିଜରଙ୍କୁ ରୋମ୍‌ର ସିନେଟ୍‌ରେ ସଭ୍ୟମାନଙ୍କ ସମ୍ମିଳୀତ ଆକ୍ରମଣର ସାମ୍ନା କରିବାକୁ ପଡିଥିଲା ସେଦିନ । ସିଜର ଥିଲେ ଅନମନୀୟ ମହାବୀର । ଶେଷ ପର୍ଯ୍ୟନ୍ତ ଜାରି ରଖିଥିଲେ ନିଜ ସ୍ୱର୍ଦ୍ଧିତ ପୌରୁଷର ପ୍ରତ୍ୟାଘାତ । ମାତ୍ର ଅନ୍ତିମ ମୁହୂର୍ତ୍ତ ଆସିଥିଲା ଠିକ୍ ସେତିକିବେଳେ, ଯେତେବେଳେ ତାଙ୍କ ପୃଷ୍ଠଭାଗ ସ୍ପର୍ଶ କରେ ଶତ୍ରୁର ତରବାରୀ ନୁହେଁ – ପ୍ରିୟତମ ବନ୍ଧୁର ଶାଣିତ ଛୁରିକା । ପ୍ରିୟବନ୍ଧୁଙ୍କୁ ଏଭଳି ଭୂମିକାରେ ଦେଖିଦେଇ ସେ ଗଭୀର ଦୁଃଖରେ ତଳେ ଥୋଇଦେଲେ ଅସ୍ତ୍ର । ଶେଷ ଦୁଇତିନୋଟି ଶବ୍ଦ ଥିଲା ସ୍ୱତଃସ୍ଫୁର୍ତ୍ତ – ଓଃ ! ୟୁ 'ବ୍ରୁଟସ୍' ...ବ୍ରୁଟ୍...

ଚକ୍ରବ୍ୟୁହ ! ହାୟ, ଏ ଚକ୍ରବ୍ୟୁହରେ କେବଳ ବୈରୀ ନୁହେଁ, ବନ୍ଧୁ ବି ହୋଇପାରେ ଚମକପ୍ରଦ ଚରିତ୍ରଟିଏ ! ସିଜରଙ୍କ ନିଧନ ଦିବସରେ ୧୦୦ ବର୍ଷ ପରେ ପୃଥିବୀକୁ ଆସିଥିଲା ଆଉ ଏକ ବିଚିତ୍ରରଙ୍ଗର ରାତ୍ରୀ – ସେ ରାତ୍ରୀ ଯୀଶୁଖ୍ରୀଷ୍ଟଙ୍କର ଶେଷ ରାତ୍ରୀ । ସମବେତ ୧୨ ଜଣ ପ୍ରିୟ ଶିଷ୍ୟଙ୍କ ସହିତ ସେ ନିଜ ଜୀବନର ଅନ୍ତିମ ଭୋଜନ ଗ୍ରହଣ କରିବା ପରେ ତାଙ୍କୁ ଶତ୍ରୁମାନଙ୍କ ହାତରେ ଧରାଇଦେଇଥିଲେ 'ଯୁଦାସ୍' – ଖୋଦ୍ ଯିଏ ତାଙ୍କ ପ୍ରିୟତମ ଶିଷ୍ୟ । ଏହି ବିଶ୍ୱାସଘାତକାତର ବିନିମୟ ମୂଲ୍ୟ ଥିଲା ତିରିଶିଟି ରୌପ୍ୟ ମୁଦ୍ରା ମାତ୍ର !

କ୍ରୁଶବିଦ୍ଧ ଯୀଶୁ କ୍ଷମା କରିଯାଇଛନ୍ତି ଆମର ଏ ଚକ୍ରବ୍ୟୁହବଦ୍ଧ ସଭ୍ୟତାକୁ । ଚକ୍ରବ୍ୟୁହ ! ହାୟ, ଏ ଚକ୍ରବ୍ୟହର ଚରିତ୍ର ଏଠି କେବଳ ସତର୍କ ଶତ୍ରୁ ନହେଁ, ପ୍ରିୟତମ ଶିଷ୍ୟ ମଧ ! ପ୍ରତାରଣାର ପ୍ରଚୁର ପର୍ଯ୍ୟାୟ ଅତିକ୍ରମ କରିଆସିଛନ୍ତି ଚକ୍ରବ୍ୟୁହ – ଚକ୍ରବ୍ୟୁହ କବଳିତ କରୁଣ ଶିକାର ମାନେ ।

ଆପଣମାନେ ସକ୍ରେଟିସଙ୍କ ନାଁ ଶୁଣିଥିଲେ । ଖ୍ରୀଷ୍ଟପୂର୍ବ ୪୭୦ରେ ଜନ୍ମ ନେଇଥିଲେ ବିଶ୍ୱପ୍ରସିଦ୍ଧ ଦାର୍ଶନିକ, ମହକାଶ ବିଜ୍ଞାନୀ, ପଣ୍ଡିତ ଶାସ୍ତ୍ରବିଦ୍, ପ୍ରକୃତି ବିଜ୍ଞାନୀ, ନୀତିଶାସ୍ତ୍ରଜ୍ଞ ଲେଖକ, କବି, ରାଜନୈତିକ ସକ୍ରେଟିସ୍ ତାଙ୍କର ଅନେକ ଗବେଷଣାରେ ପ୍ରମାଣସିଦ୍ଧ ତଥ୍ୟ ଓ ତତ୍ତ୍ୱକୁ ସେ ଶୁଣାଉଥିଲେ ଗ୍ରୀକ୍ ଅଧିବାସୀଙ୍କୁ । ତାଙ୍କର ସବୁଠାରୁ ବଡ ତତ୍ତ୍ୱ ଥିଲା – ଅନ୍ଧ ଭାବେ ଈଶ୍ୱର ବିଶ୍ୱାସକୁ ପରିତ୍ୟାଗ କରି ଯୁକ୍ତି ଓ ଅଭିଜ୍ଞତାସିଦ୍ଧ ଜ୍ଞାନକୁ ପ୍ରୟୋଗ କରି ସତ୍ୟକୁ ଜାଣିନେଲେ – ସବୁ ସମସ୍ୟାର ସମାଧାନ ହୋଇଯିବ । ଏହି ସିଦ୍ଧାନ୍ତକୁ ଗ୍ରୀକ୍‌ର ଅଧିକାଂଶ ଶିକ୍ଷିତ ଯୁବଗୋଷ୍ଠୀ ଗ୍ରହଣ କଲେ । ହେଲେ ସେ ସମୟର ମୁଣ୍ଡିଆଳମାନେ ପ୍ରବଳ ପ୍ରତିହିଂସା ବହ୍ନିରେ ଜଳିଲେ । ତାଙ୍କୁ ବନ୍ଦି କରି ମିଥ୍ୟା ମକଦ୍ଦମାର ରାୟରେ ମୃତ୍ୟୁଦଣ୍ଡ ଦେଲୋ ନାଁ ସେ କ୍ଷମା ପ୍ରାର୍ଥନା କଲେ ନା ସେ ଦେଶ ଛାଡି ପଳାୟନ କଲେ । ତାକୁ ବିଷ ପିଆଇ ମାରି ଦିଆଗଲା । ସେହି ସକ୍ରେଟିସ୍ ଦିନେ ବତି ଜଳାଇ ରାଜରାସ୍ତାରେ ଖୋଜୁଥିଲେ ଭଲ ମଣିଷ, କିନ୍ତୁ ଜଣକୁ ବି ପାଇଲେନାହିଁ ।

ଗାଲିଲିଓ ପେଲିଲ ୧୫୬୪ରେ ଇଟାଲିରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପଦାର୍ଥ ବିଜ୍ଞାନୀ ଓ ଗଣିତଜ୍ଞ । ସେ କହୁଥିଲେ – କେବଳ ବିଶ୍ୱାସ ବଦଳରେ ନୁହେଁ ବରଂ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଏବଂ ଗାଣିତିକ ପ୍ରମାଣ ଦ୍ୱାରା ପ୍ରକୃତିର ଘଟଣାବଳୀକୁ ଠିକ୍ ଭାବେ ବୁଝାଯାଇ ପାରିବ । ୧୯୦୭ ମସିହାରେ ଏକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ତିଆରି କରି ସେ ଗ୍ରହ ଓ ନକ୍ଷତ୍ରମାନଙ୍କୁ ଅନ୍ୱେଷଣ କରିବା ସହିତ ବୈଜ୍ଞାନିକ କୋପରନିକସଙ୍କ ସୂର୍ଯ୍ୟକେନ୍ଦ୍ରିକ ବ୍ରହ୍ମାଣ୍ଡ ତତ୍ତ୍ୱ ସମର୍ଥନ କରିଥିଲେ । ଫଳରେ ସେ ସମୟର ଧର୍ମାଧିକାରୀମାନେ ଅଭିଯୋଗ ଆଣିଲେ – ଗାଲିଲିଓ ଈଶ୍ୱର ଓ ଧର୍ମକୁ ଅବମାନନା କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରାଇଛନ୍ତି । ତାକୁ ଗିର' କରି କାରାଗାର ଅନ୍ଧକାର ମଗ୍ନ ନିକ୍ଷେପ କରାଗଲା । କୁହାଗଲା–ସେ ଭୁଲ ସ୍ୱୀକାର କରି ନିଜର ତତ୍ତ୍ୱଜ୍ଞାନକୁ ପ୍ରତ୍ୟାଖ୍ୟାନ କଲେ ଦଣ୍ଡ କୋହଳ କରାଯାଇପାରେ । ସତ୍ୟନିଷ୍ଠ ଗାଲିଲିଓ ସତ୍ୟରୁ ଓହରି ନଯାଇ କହିଲେ – 'ଯାହା ସତ୍ୟ ତାକୁହିଁ ଗ୍ରହଣ କରିବା ଛଡା ବିକଳ୍ପ ନାହିଁ । ଇଟାଲିର ଶାସକଶ୍ରେଣୀ, ଧର୍ମାନ୍ଧି ବ୍ୟକ୍ତିମାନେ ପ୍ରତିହିଂସାର ଚରମ ସୀମାକୁ ଯାଇ ଗାଲିଲିଓଙ୍କୁ ଅତ୍ୟନ୍ତ ଅପମାନଜନକ ଭାବେ ଅମାନବୀୟ ନିର୍ଯାତନା ଦେଇ ବର୍ଷ ବର୍ଷ ଧରି କାରାଦଣ୍ଡରେ ଦଣ୍ଡିତ କଲେ । ସତ୍ୟ ପ୍ରତିଷ୍ଠା ଲାଗି ପ୍ରାଣ ହରାଇଥିଲେ ୧୬୪୨ ମସିହାରେ ।

ଚକ୍ରବ୍ୟୁହ ରଚନା କରିଚାଲୁଥିବା ଚରିତ୍ରଗୁଡାକୁ ଆମେ ଚେତନାସ୍ତ୍ର ସହାୟତାରେ ଭୁଲୁଣ୍ଠିତ କରିପାରିବା । ଏହି ଚେତନାସ୍ତ୍ରର ଅଧିକାରୀ ହୋଇପାରିଲେ ହିଁ ଆଜିର 'ଅବର୍ଣ୍ଣନୀୟ' ଓ 'ଅଦୃଶ୍ୟମାନ' ଚକ୍ରବ୍ୟୁହର ଚରିତ୍ର ଅନାୟାସରେ ଚିହ୍ନଟ ହୋଇପାରିବ । ଜଳଜଳ ଦିଶିବ ଛଦ୍ମବେଶର ଛଳନା ସବୁ ।

ଫୁଲପତ୍ରର ଏହି ପୃଥିବୀରେ ପ୍ରତିହିଂସା ନିଜ ବିଶ୍ୱବୃକ୍ଷର କଂଟା ବିଛାଇ କେତେ ଯେ ଅଘଟଣ ଘଟାଇଯାଇଛି – କେବଳ ଇତିହାସ ହିଁ ତା'ର ମୂକସାକ୍ଷୀ । ଆମ ଭାରତବର୍ଷରେ ମ୍ଭ ବହୁ ମହାମନୁଷ୍ୟ, ସତ୍ୟନିଷ୍ଠ ମଣିଷଙ୍କୁ କମ୍ ନିର୍ଯାତନା ଭୋଗିବାକୁ ପଡିନି । ସବୁଠି କ୍ଷମତା ଓ ସମ୍ପତ୍ତି ଲୋଭରେ ରକ୍ତପାତ ଏସବୁ ଇତିହାସ ରାମାୟଣ, ମହାଭାରତକୁ ବଳିଯିବ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ



### କିପରି ସମ୍ଭବ ହେବ

ପ୍ରେମ ଯେଉଁଠି ଅସହାୟ
ଭାବ ଯେଉଁଠି ନିଃସହାୟ
ଶାନ୍ତି ଯହିଁ ବିଡମ୍ବିତ
କେଉଁପରି ହେବ ସତ୍ୟ ସେଇଠି ଜାଗ୍ରତ ।୧।

ଶ୍ରଦ୍ଧା ଯେଉଁଠି ନିକ୍ଷେପିତ
ବିଶ୍ୱାସ ଯେଉଁଠି ନିହତ
ଭକ୍ତି ଯେଉଁଠି ଆହତ
କେଉଁପରି ମର୍ତ୍ତ୍ୟଧାମେ ଝରିବ ଅମୃତ ।୨।

କ୍ରୋଧର ଯେଉଁଠି ରାଜତ୍ୱ
କାମର ସେଇଠି ପ୍ରଭୁତ୍ୱ
ଧର୍ମ କରେ ଅଧର୍ମ -ଦାସତ୍ୱ
କେଉଁପରି ଭାବେ କ୍ଷମା, ମିଳିବ କହତ । ।୩।

ଆତ୍ମା ଯେଉଁଠି ପ୍ରତାରିତ
ଜୀବନ ଯେଉଁଠି ମର୍ମାହତ
ଜୀବ ଯହିଁ ଖାଲି ମୃତାହତ
କେଉଁପରି ପ୍ରଭୁ କୃପା ଆସିବ କହତ ।୪।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**





## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମାକୁ କାୟାକଳ୍ପ ଆୱାର୍ଡ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମାକୁ କାୟାକଳ୍ପ ଆୱାର୍ଡରେ ଜିଲ୍ଲାପାଳଙ୍କ ଜରିଆରେ ସମ୍ମାନିତ କରାଯାଇଛି। କୋରାପୁଟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଏହି ମାନପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଗତ ୧୪ ଜାନୁଆରୀ ୨୦୨୬ରେ ସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଉଚ୍ଚ ସ୍ତରୀୟ ଟିମ୍ (କାୟାକଳ୍ପ) ପହଞ୍ଚି ବୋରିଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଯ୍ୟବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅକ୍ଷୟ କୁମାର କୁଣ୍ଡୁ ଏବଂ ବି.ପି.ଏମ୍. ସସ୍ମିତା ତ୍ରିପାଠୀ ଏହି ମାନପତ୍ର ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ। ଏହାର ଶ୍ରେୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଦିଆଯାଉଛି ବୋଲି ମତ ପ୍ରକାଶ କରିଛନ୍ତି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଣ କ୍ଷେତ୍ରରେ ବେଶ୍ ସଫଳତା ହାସଲ କରିବା ସହ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସ୍ଥାନୀୟ ଜନତାଙ୍କ ସମ୍ପୂର୍ଣ୍ଣ ଆସ୍ଥା ଓ ଭରସା ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛ ।

# ଜଣେ ଡାକ୍ତରରେ ଚାଲିଛି ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ସହରର ଲକ୍ଷାଧିକ ଲୋକଙ୍କୁ ପ୍ରାରମ୍ଭିକ ତ୍ୱରିତ ଚିକିତ୍ସା ଯୋଗାଇବାକୁ ଗାନ୍ଧିଛକର ପୁରୁଣା ଡିଏଚ୍‌ଏଚ୍ ପରିସରରେ ରହିଛି ସହରାଞ୍ଚଳ ଡାକ୍ତରଖାନା ବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର। ତେବେ ଏତେ ବଡ଼ ଡାକ୍ତରଖାନାକୁ ସମ୍ଭାଳିବା ପାଇଁ ଜଣେ ମାତ୍ର ଡାକ୍ତର ଓ ଜଣେ ଲ୍ୟାବ ଟେକ୍ନିସିଆନ୍ ରହିଛନ୍ତି। ଏହି ଡାକ୍ତରଖାନାକୁ ଦିନକୁ ୧୬୦ଜଣ ରୋଗୀ ବର୍ହିଃବିଭାଗକୁ ଆସୁଥିବାରୁ ରୋଗୀ ଦେଖି ଦେଖି ଡାକ୍ତର ହାଲିଆ ହେଉଛନ୍ତି। ଏହା ସହ ଡାକ୍ତର ଜଣକ ଡାକ୍ତରଖାନାର ପ୍ରଶାସନିକ ବ୍ୟବସ୍ଥା ଦେଖିବା ସହ ସହରର ସବୁ ୱାର୍ଡ ବୁଲି ବିଭିନ୍ନ କାର୍ଯ୍ୟକ୍ରମ ପିଏମ୍‌ଏସ୍‌ଏମ୍, ଏଚ୍‌ପିଭି ଟୀକାକରଣ ସହ ନିୟମିତ ଟୀକାକରଣର ତଦାରଖ କରିବାକୁ ପଡୁଛି। ସେହିପରି ଜଣେ ଟେକ୍ନିସିଆନ୍ ବିଭିନ୍ନ ପରୀକ୍ଷାର ଭାର ରହୁଛି। ତେଣୁ ତୁରନ୍ତ ଡାକ୍ତର ଓ ଲ୍ୟାବ୍ ଟେକ୍ନିସିଆନ୍ ନୂଆ ନିଯୁକ୍ତି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ମାନସିକ ଚାପ ମଧ୍ୟରେ ଡାକ୍ତର ହୁଅନ୍ତୁ କି ବୈଷୟିକ କର୍ମଚାରୀ କିଭଳି କାମ କରିବେ ବୋଲି ବୁଦ୍ଧିଜୀବୀ ସନ୍ତୋଷ ମିଶ୍ର ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ସହରର ଜନସଂଖ୍ୟା ବଢ଼ିବା ପରେ ଡାକ୍ତରଖାନାର ଚାପ ବି ବଢ଼ିବାରେ ଲାଗିଛି। ସହରର ସମସ୍ତ ବସ୍ତି ଓ ସାହି ବାସିନ୍ଦାମାନେ ପ୍ରଥମେ ପ୍ରାରମ୍ଭିକ ଚିକିତ୍ସା ପାଇଁ ଏତେ ଦୂରକୁ ନେବା ବଦଳରେ ଏଠାକୁ ଆଣୁଛନ୍ତି। ରୋଗୀଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଭିତ୍ତିଭୂମି ବି ନିର୍ମାଣ କରାଯାଇଛି। ଡାକ୍ତରଖାନା ଆରମ୍ଭର ପ୍ରାରମ୍ଭିକରେ ଦୁଇ ଜଣ ଡାକ୍ତର ଥିଲେ। ଜଣେ ଉଚ୍ଚ ଶିକ୍ଷା ପଢ଼ିବାକୁ ଯିବା ପରେ ଗୋଟିଏ ପଦବୀ ଖାଲି ପଡିଛି। ଏପରିକି ବହୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଏହି ଡାକ୍ତରଖାନାରୁ ହିଁ ଆରମ୍ଭ କରାଯାଉଛି। ଏଠାକୁ ସଡିଏମ୍‌ଓ, ଜିଲ୍ଲାପାଳ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ବି ବହୁବାର ଆସୁଥିବା ନଜିର ରହିଛି। ତେବେ ଜଣେ ଡାକ୍ତର ଓ ଜଣେ ଟେକ୍ନିସିଆନ୍‌ରେ କିଭଳି ଡାକ୍ତରଖାନା ଚାଲିବ ତାହା ଚିନ୍ତା କରିବା ନିହାତି ଆବଶ୍ୟକ। ଯଦି ଏଠାକାର ଡାକ୍ତର କୌଣସି ସରକାରୀ ତାଲିମ୍ କିମ୍ବା ସଚେତନତା କାର୍ଯ୍ୟକ୍ରମରେ ଗଲେ ଡାକ୍ତରଖାନା ଚଳାଇବ କିଏ ଉଠିଛି ପ୍ରଶ୍ନ। ଏହି ଡାକ୍ତରଖାନା ପାଇଁ ଜଣେ ଡାକ୍ତର ରହିବା ସରକାରୀ ଧାର୍ଯ୍ୟ ରହିଛି ବୋଲି ସଡିଏମ୍‌ଓ ଡ. ମଳୟ କୁମାର ପ୍ରଧାନ କହିଛନ୍ତି। ପୂର୍ବରୁ କିଭଳି ଦୁଇ ଜଣ ଥିଲେ ସେ ଜାଣିନାହାନ୍ତି। ଜିଲ୍ଲାରେ ଡାକ୍ତର ଓ ପାରା କର୍ମଚାରୀ ଅଭାବ ବୋଲି କହିଛନ୍ତି ସିଡିଏମ୍‌ଓ।

## ୨ ବର୍ଷ ହେଲା ଆଖଣ୍ଡଳମଣି ମନ୍ଦିର ଚୂଡାର ଆର୍ଥିଙ୍ଗ ପ୍ଲେଟ୍ ଅଚଳ

# ଘନଘନ ବଜ୍ରପାତରେ ଭାଙ୍ଗି ଢଳିଗଲା ତ୍ରିଶୂଳ:ଅସୁରକ୍ଷିତ ଦଧିନଉତି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ହେଲା କାଳବୈଶାଖୀ ପ୍ରଭାବରେ ଘନଘନ ବଜ୍ରପାତରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରଚୂଡା ଦଧିନଉତିରେ ଲାଗିଥିବା ତ୍ରିଶୁଳର କିଛି ଅଂଶ ଭାଙ୍ଗିଯିବା ସହ ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଛି। ଏପରି ଲାଗିଥିବା ନେତ ଛିଡିଯାଇ ଓହଳି ରହିଛି। ସୂଚନା ଅନୁଯାୟୀ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ମନ୍ଦିରର ସୁରକ୍ଷା ପାଇଁ ଲାଗିଥିବା ଆର୍ଥିଙ୍ଗ ପ୍ଲେଟ୍ ଅକାମୀ ହୋଇପଡ଼ିବା ଦ୍ୱାରା ବଜ୍ରପାତ ନିୟନ୍ତ୍ରଣ କରିପାରୁନଥିବା ଜଣାପଡ଼ିଛି। ଏପରି ସମସ୍ୟା ବାବଦରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପାଖରେ ଖବର ଥିଲେ ମଧ୍ୟ ବିଭାଗ



ପକ୍ଷରୁ ମରାମତି କରାଯିବା ତ ଦୂରର କଥା କେହି ହେଲେ ଯାଞ୍ଚ କରିବାକୁ ଆସୁନାହାନ୍ତି। ଆଗକୁ ଯଦି ବଡ଼ ଝଡ଼ ତୋଫାନ୍ ସହ ବଜ୍ରପାତ ହୁଏ ତାହାଲେ ମନ୍ଦିର ପ୍ରତି ବଡ଼ ବିପଦ ସୃଷ୍ଟି ହେବ ବୋଲି ବରିଷ୍ଠ ସେବାୟତ କହିଛନ୍ତି। ଅନ୍ୟପଟେ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ। ପୂର୍ବରୁ ମନ୍ଦିର ଓ ବେଢ଼ା ପରିସର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ରହିଥିଲେ। ହେଲେ ଦୀର୍ଘ ୬/୭ ବର୍ଷ ହେବ ତାଙ୍କର ବଦଳି ପରେ କୌଣସି କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ନିୟୋଜିତ କରାଯାଇନାହିଁ । ଯାହାଫଳରେ ମନ୍ଦିରରେ ନାନାଦି ସମସ୍ୟା ଦେଖାଦେବା ସହ ମୁଖ୍ୟ ମନ୍ଦିର ସହ ଅନେକ ସ୍ଥାନରେ ଛୋଟବଡ ବର, ଅଶ୍ୱଥ ଗଛ ଉଠି ଫାଟ ସୃଷ୍ଟି ହୋଇଛି ।

# କନ୍ଧମାଳରେ କୋଟି କୋଟି ଟଙ୍କାର ଶାଳମଞ୍ଜି କାରବାର:ଉତ୍ପାଦନରେ ରାଜ୍ୟରେ ପ୍ରଥମ



**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

ଶାଳମଞ୍ଜି ଉତ୍ପାଦନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି। ପ୍ରଚୁର ଶାଳ ଜଙ୍ଗଲ ଥିବାରୁ ଏଠାରେ ବାର୍ଷିକ ହଜାର ହଜାର ଟନ୍ ଶାଳ ମଞ୍ଜି ଉତ୍ପାଦିତ ହେଉଛି। ମାତ୍ର ଏହି ଶାଳମଞ୍ଜି କିଣିବାକୁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବାରୁ ବାହାର ଦଲାଲ ଏହାର ଫାଇଦା ଉଠାଉଛନ୍ତି। ପରିତାପର ବିଷୟ ହେଉଛି, ଆଜି ପର୍ଯ୍ୟନ୍ତ ଶାଳମଞ୍ଜିକୁ ନେଇ ଏଠାରେ କୌଣସି ଶିଳ୍ପସଂସ୍ଥା କିମ୍ବା ପ୍ରୋସେସିଂ ୟୁନିଟ୍ ସ୍ଥାପନ ହୋଇପାରିନାହିଁ। ସ୍ଥାନୀୟ ଆଦିବାସୀଙ୍କ ପାଇଁ ଜୀବନ ଜୀବିକାର ଏକ ପ୍ରମୁଖ ମାଧ୍ୟମ ହେଉଛି ଶାଳମଞ୍ଜି। ଅପ୍ରେଲ ଓ ମଇ ମାସ ବେଳକୁ ମୁଖ୍ୟତଃ ଆଦିବାସୀମାନେ ଜଙ୍ଗଲରୁ ଶାଳଫୁଲ ସଂଗ୍ରହ କରି ସେଥିରୁ ମଞ୍ଜି ବାହାର କରିଥାନ୍ତି। କିନ୍ତୁ ପରିଶ୍ରମ ତୁଳନାରେ ଆଦିବାସୀଙ୍କୁ ଉଚିତ୍ ମୂଲ୍ୟ ମିଳୁନି। ମାସେ କାଳ ମହିଳା ଓ ପୁରୁଷମାନେ ଶାଳଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ମଞ୍ଜି ଅମଳ କରିଥାନ୍ତି। ତୁମୁଡ଼ିବନ୍ଧ ବ୍ଲକ୍ ବେଲଘର ପଞ୍ଚାୟତ ରଙ୍ଗାପାରୁ ଗାଁର କୃଷ୍ଣ ଜାନିଙ୍କ କହିବା ଅନୁସାରେ, ଗୋଟିଏ ଋତୁରେ ସେ ପାଖାପାଖି ୨ କ୍ୱିଣ୍ଟାଲ୍ ଶାଳ ମଞ୍ଜି ସଂଗ୍ରହ କରିଥାନ୍ତି। ଏଥିରେ ପରିବାରର ସମସ୍ତ ସଦସ୍ୟମାନେ ନିୟୋଜିତ ହୁଅନ୍ତି। କିନ୍ତୁ ବିକ୍ରିବଟାକୁ ନେଇ ସମସ୍ୟା ଦେଖାଦେଇଥାଏ। ପଡ଼ୋଶୀ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ଦଲାଲମାନେ ଗାଁ ଗାଁରେ ବୁଲି ଶାଗମାଛ ଦରରେ ଶାଳମଞ୍ଜି କିଣି ନେଇଥାନ୍ତି। ବିପିନା ମାଝିଙ୍କ କହିବା ମୁତାବକ ବେପାରୀମାନେ ଶାଳମଞ୍ଜି କିଲୋ ପିଛା ମାତ୍ର ୧୦ ଟଙ୍କା ଦେଉଛନ୍ତି। ଆନ୍ଧ୍ର ବେପାରୀମାନେ ବସ୍ତା ଆକାରରେ ନେଇଯାଆନ୍ତି। ଗଞ୍ଜାମର କେତେକ ବେପାରୀ ଟିଣ ପ୍ରତି ୨୦ ଟଙ୍କା ଦରରେ କିଣି ନେଉଛନ୍ତି। ଶାଳମଞ୍ଜିରୁ ବନସ୍ପତି ଘିଅ, ସାବୁନ୍, କସ୍‌ମେଟିକ୍ସ, ବିଭିନ୍ନ ପ୍ରକାର ଔଷଧ ଓ ରନ୍ଧନ ତୈଳ ପ୍ରସ୍ତୁତ ହୋଇଥାଏ। ଜିଲ୍ଲାରେ ଶାଳମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଗଲେ ଜିଲ୍ଲାର ଆଦିବାସୀମାନେ ଏଥିରୁ ଉପକୃତ ହୋଇପାରନ୍ତେ ଏବଂ ଦଲାଲମାନଙ୍କ କବଳରୁ ମୁକ୍ତି ପାଇପାରନ୍ତେ। ଶାଳ ମଞ୍ଜିରୁ ପ୍ରସ୍ତୁତ ସାବୁନ୍ ଓ ବନସ୍ପତି ଘିଅ କାରଖାନା ପ୍ରତିଷ୍ଠା କରିବାକୁ ସହରବାସୀ ଦାବି କରିଛନ୍ତି।

# ଖୋଜିଲେ ମିଳୁନି ନିମଖଣ୍ଡି ଥାନା:ଜନତାଙ୍କ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଯେଉଁ ଉଦ୍ଦେଶ୍ୟ ନେଇ ସହରରେ ନିମଖଣ୍ଡି ଥାନା ପ୍ରତିଷ୍ଠା ହୋଇଥିଲା ତାହା ସାଧିକ ହୋଇପାରିନଥିବା ଲକ୍ଷ୍ୟ କରାଯାଉଛି । କୌଣସି ବିଷୟ ଅଭିଯୋଗ କରିବାକୁ ହେଲେ ଲୋକଙ୍କୁ ଖୋଜିବାକୁ ପଡୁଛି ନିମଖଣ୍ଡି ଥାନା କେଉଁଠି ଅଛି । ଆଜି ଯାଏଁ ନିମଖଣ୍ଡି ଥାନାର ସ୍ଥାୟୀ କୋଠା ନିର୍ମାଣ ହୋଇପାରିନି । ଯେଉଁ ଅଞ୍ଚଳ ପାଇଁ ନିମଖଣ୍ଡି ଥାନା ଗଠିତ ହୋଇଥିଲା ସେ ଅଞ୍ଚଳ ଠାରୁ ବହୁ ଦୂରରେ ଥାନା କାର୍ଯ୍ୟ କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି । ନିମଖଣ୍ଡି ଥାନା ଅଧିନରେ ରହିଛି ଲୋଚାପଡ଼ା, ନିମଖଣ୍ଡି, ଜଗଦଳପୁର, ବୋରିଗାଁ, କାମାଗାଁ, ଯୋଗିୟାପଲ୍ଲୀ, ସାତକୁଟୁଣୀ, ଗୁରୁଣ୍ଡି, ହୁଗୁଳାପଟା, ଭାବିନିପୁର ସହିତ ବ୍ରହ୍ମପୁର ଉପକଣ୍ଠ ଫୁଲଟା, ବ୍ରହ୍ମାପଲ୍ଲୀ, ଅଳକାପୁରୀ, ବଡ଼ବଜାର ଅଞ୍ଚଳ ନିକଟ ଶ୍ରୀକ୍ଷେତ୍ର ବିହାର ଏବଂ ମହୁଲପଲ୍ଲୀ ଅଞ୍ଚଳ । କାର୍ଯ୍ୟକଳାପ ବୃଦ୍ଧି ଯୋଗୁଁ ଏଠାରେ ଏକ ଫାଣ୍ଡି ପ୍ରତିଷ୍ଠା ଦାବି ହୋଇଥିଲା । ଲୋଚାପଡ଼ା ନିମଖଣ୍ଡି ଏବଂ ଯୋଗୀଆପଲ୍ଲୀ ଅଞ୍ଚଳରେ ଡକାୟତି, ରାହାଜାନି ବୃଦ୍ଧି ପାଇବା ପରେ ଜଗଦଳପୁର, ନିମଖଣ୍ଡି, ଲୋଚାପଡ଼ା, ବୋରିଗାଁ, କମାଗାଁ ଅଞ୍ଚଳବାସୀଙ୍କ ଦାବି କ୍ରମେ ସହଯୋଗରେ ନିମଖଣ୍ଡି ଗ୍ରାମ ମୁହାଁରେ ଏକ ପୋଲିସ ଫାଣ୍ଡି ନିର୍ମାଣ ହୋଇଥିଲା । ୨୦୦୩ରେ ତତ୍‌କାଳୀନ ଦକ୍ଷିଣାଞ୍ଚଳ ଡ଼ିଆଇଜି ଆର୍.ପି. ଶର୍ମା ନିମଖଣ୍ଡି ଫାଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଫାଣ୍ଡି ପ୍ରତିଷ୍ଠା ପରେ ସ୍ଥାନୀୟ ଅଞ୍ଚଳବାସୀ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିଥିଲେ । ପରବର୍ତ୍ତୀ ସମୟରେ ୨୦୨୨ ନଭେମ୍ବର ୧୬ ତାରିଖରେ ନିମଖଣ୍ଡି ଫାଣ୍ଡିକୁ ଥାନାରେ ପରିବର୍ତ୍ତନ କରାଯାଇଥିଲା । ଥାନା ଘୋଷଣା ପରେ ଫାଣ୍ଡିରେ ହିଁ ଥାନାର ସମସ୍ତ କାର୍ଯ୍ୟ ଚାଲୁ ରହିଥିଲା । ଏପଟେ ନିମଖଣ୍ଡି ଥାନା ନିର୍ମାଣ ପାଇଁ ଜଗଦଳପୁର, ନିମଖଣ୍ଡି ଏବଂ ଲୋଚାପଡ଼ାରେ ଥିବା ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଲୋଚାପଡ଼ା ଗ୍ରାମ ପଞ୍ଚାୟତର ଦଣ୍ଡକାଳୀ ମନ୍ଦିର ସମ୍ମୁଖରେ ୫ ହଜାର ବର୍ଗଫୁଟ ସ୍ଥାନରେ ଥାନା କୋଠା ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିଲା । କିନ୍ତୁ ତାହା ଯଥେଷ୍ଟ ନଥିଲା । ପରେ ନିମଖଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାଇସ୍କୁଲ ନିକଟରେ ପ୍ରାୟ ୨ ଏକର ସରକାରୀ ସ୍ଥାନ ଚିହ୍ନଟ ହୋଇଥିଲା । କିନ୍ତୁ ଅନୁଦାନ ଆସିନଥିବା ଯୋଗୁଁ ଥାନା କୋଠା ନିର୍ମାଣରେ ବିଳମ୍ବ ଘଟୁଛି । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଜାନୁଆରୀ ୯ ତାରିଖରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ନିମଖଣ୍ଡି ଥାନାକୁ ଉଦ୍‌ଘାଟନ କରିଥିଲେ । ବ୍ରହ୍ମପୁର ପୋଲିସ ପକ୍ଷରୁ ତରବରିଆ ଭାବେ ଖାଜା ସାହିରେ ଥିବା ପୁରୁଣା ମହିଳା ଥାନାକୁ ନିମଖଣ୍ଡି ଥାନା ଦେଖାଇ ଉଦ୍‌ଘାଟନ କରାଯାଇଥିଲା । ସେହିଦିନ ଠାରୁ ନିମଖଣ୍ଡିରୁ ଉଭାନ୍ ହୋଇଗଲା ନିମଖଣ୍ଡି ଥାନା । ଏବେ ଅଧିକାଂଶ ଗ୍ରାମବାସୀ ଅଭିଯୋଗ କରିବାକୁ ହେଲେ ନିମଖଣ୍ଡି ଥାନା ଖୋଜୁଥିବା ଦେଖିବାକୁ ମିଳିଛି । ନିମଖଣ୍ଡି ଥାନା ଖାଜା ସାହିରେ ଚାଲିଥିବା ବେଳେ ଉକ୍ତ ଥାନା ଅଞ୍ଚଳରେ ଅପରାଧୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଆଖପାଖରେ ପୋଲିସ ନଥିବା ସୁଯୋଗ ନେଇ ଅପରାଧୀମାନେ ବିଭିନ୍ନ ଅପରାଧ ଘଟାଇ ଘଟଣାସ୍ଥଳରୁ ଫେରାର୍ ହେବାରେ ସଫଳ ହେଉଛନ୍ତି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ତେବେ ଥାନା ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ଖୋଜିବାରେ ଅଧିକ ସମୟ ଅତିବାହିତ ହୋଇଥିଲା । ଫଳରେ ଥାନା ନିର୍ମାଣରେ ବିଳମ୍ବ ଘଟିଛି । ବର୍ତ୍ତମାନ ସ୍ଥାନ ଚିହ୍ନଟ ହୋଇସାରିଛି । ଅନୁଦାନ ଆସିବା ପରେ ଏକ ମାସ ମଧ୍ୟରେ ନିମଖଣ୍ଡି ଥାନାର ନୂତନ କୋଠା କାର୍ଯ୍ୟ ଆରମ୍ଭ ହେବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି ।

# ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପର ତୁରନ୍ତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ ଡେମ୍ ତଳି ଅଞ୍ଚଳରେ ଥିବା ପଡିଆରେ ଦ୍ୱିତୀୟ ବନଦୂର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ହଜାର ହଜାର ଲୋକ ଯୋଗଦେଇ ମହୋତ୍ସବରେ ସାମିଲ୍ ହୋଇଛନ୍ତି । ଅତୀତରେ ଏହି ଅଞ୍ଚଳର କଳା ସଂସ୍କୃତି ଉଚ୍ଚ କୋଟିର ଥିଲା । ଆଜିବି ଅଞ୍ଚଳର ଆରାଧ୍ୟା ଦେବୀ ମା’ ବନଦୂର୍ଗା, ମା’ କନ୍ଧେନ୍ ବୁଢ଼ୀ, କୟା ଘଟିଏନ, ବୁଢ଼ା ଦେଓ, କରମ୍ ସାନୀ, ନାଗ ବାଚା, ଜଗନ୍ନାଥ, ଶିବ ଉପାସନା ପୂଜାବିଧି ବହୁ ଦେବାଦେବୀ ବିଶ୍ୱାସର ପରମ୍ପରା ରହିଛି କିନ୍ତୁ ପ୍ରକଳ୍ପ ହେବାରୁ ସବୁ ଛିନ୍ନଛତ୍ର ହୋଇଯାଇଛି, ଜୀବନ ଜୀବିକା ଖୁବ୍ ସରଳ ଥିଲା । ଆଜିବି ବହୁ ଲୋକ ଖୋଜୁଛନ୍ତି ସେହି ଗାଁ ମାଟିକୁ, ଚାଷୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ସେତେବେଳେ ବଲାଙ୍ଗିର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ଜଳ ସେଚନ ଆରମ୍ଭ ହେଲେ । ଏ ମହୋତ୍ସବ ମାଧ୍ୟମରେ ପୁଣି ଏକାଠି ହୋଇଛନ୍ତି । ଯୋଗଦେଇଥିବା ଅତିଥି ବୃନ୍ଦ ଏଭଳି ମତ ଉପସ୍ଥାପନ କରିଥିଲେ । ସଭା କାର୍ଯ୍ୟକୁ ସଞ୍ଜୟ ଗଡ଼ତ୍ୟାଙ୍କ ସଭାପତିତ୍ୱ ୬ର ମୁଖ୍ୟ ଅତିଥି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ବରେଣ୍ୟ ଅତିଥି ଜିଲ୍ଲା ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଅଧ୍ୟାପକ ଡ଼ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ହୃଷିକେଶ ଗଣ୍ଡ ବିଡିଓ, ବଲାଙ୍ଗିର, ଅକ୍ଷୟ ପାଣି ଉଡୁ ବିଡିଓ ଲୋଇସିଂହା, ବିକାଶ ରଞ୍ଜନ ରଥ ସଭା ପରିଚାଳନା, ସାଂସ୍କୃତିକ ସନ୍ଧ୍ୟାକୁ ସମ୍ପାଦକ ଜୟକୃଷ୍ଣ ମିଶ୍ରଙ୍କ ପରିଚାଳନା ରେ ଦଣ୍ଡ ଲୋକ ନୃତ୍ୟ, କରମ୍ ସାନୀ, ସଂକୀର୍ତ୍ତନ ଝିଲି ପୁଟେଲ୍ ସାଥୀ, ସୁମି ବାଗ ସାଥୀ, ନୃତ୍ୟ ଗୁରୁ ଆଲୋକ ପଣ୍ଡାଙ୍କ ସମ୍ବଲପୁର ଟ୍ରାଇବାଲ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ସମ୍ବଲପୁର, ନୃତ୍ୟ ଗୁରୁ ସଂଗୀତା ଦାସଙ୍କ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର, ସାଇ ସ୍ୱର୍ଣ୍ଣ କଳା ପରିଷଦ, କଂସ ଦରବାର, ନୃତ୍ୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଡ଼ି ଅଞ୍ଚଳ ପ୍ରତିଭା ଗଣେଶ୍ୱର ବେହେରା, ଗିରିଧାରୀ ପୁଟା, ଦୟାନିଧି ଗଡାତ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବନଦୁର୍ଗା ମହୋତ୍ସବ କମିଟି ସହଯୋଗରେ ଆୟୋଜିତ ହେଉଛି ।

# ବଢୁଛି ଥଣ୍ଡା ପାନୀୟ ସାଙ୍ଗକୁ ତରଭୁଜର ଚାହିଦା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**





କୋରାପୁଟ ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ନେଳେ ଗରମରୁ ଟିକେ ନିସ୍ତାର ପାଇବାକୁ ଥଣ୍ଡା ପାନୀୟ ସାଜିଛି ଏକମାତ୍ର ସାହାରା । ଯେକୌଣସି କାମରେ ବାହାରକୁ ବାହାରିବା ମାତ୍ରେ ପ୍ରଥମେ ଅଟକିଥାନ୍ତି ଥଣ୍ଡା ପାନୀୟ ନିକଟରେ । ଆଖୁ ରସ ଠାରୁ ଆରମ୍ଭ କରି ପଇଡ଼ ପାଣି, ବେଲ ପଣା, ଲସି ଆଦି ପାନୀୟ ଗରମ ରକ୍ଷା କରିବା ସହ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ । ଏଥିପାଇଁ ସହରର ଛକ ସ୍ଥାନ ମାନଙ୍କରେ ଖୋଲାଯାଇଥିବା ଥଣ୍ଡା ପାନୀୟ ଦୋକାନ ଗୁଡ଼ିକରେ ପ୍ରବଳ ଭିଡ଼ ଜମୁଥିବା ଲକ୍ଷ୍ୟ କରାଯାଇଛି । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଖରାଦିନରେ ବେଲପଣା, ଆଖୁରସ ଭଳି ସିଜିନାରୀ ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ କେବଳ ଖରାଦିନରେ ଏହି ସବୁ ବ୍ୟବସାୟ କରିଥାନ୍ତି । ପ୍ରବଳ ଖରା ହେଉଥିବାରୁ ସାଧା ପାଣି ଅପେକ୍ଷା ଦହି ସର୍ବତ, ଲସି, ଲେମ୍ବୁପାଣି, ବେଲ ପଣା, ତରଭୂଜ, ଆମ୍ବ ସର୍ବତ ସାଙ୍ଗକୁ ବିଭିନ୍ନ ଫଳ ରସର ଚାହିଦା ବଢୁଛି । ପଇଡ ପାଣି, ଦହି ପାଣି, ପୁଦିନା ପାଣି, ଆଖୁ ରସର ଅଧିକା ଚାହିଦା ରହିଥିବା ବେଳେ ରାତି ଯାଏ ଲସି, ବେଲପଣା ସାଙ୍ଗକୁ ବିଭିନ୍ନ ଫଳ ଜୁସ୍ ପିଇବା ପାଇଁ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସ୍ଥାନରେ ଠିଆ ହୋଇଥିବା ଲକ୍ଷ୍ୟ କରାଯାଇଛି । ଜୟପୁର ସହରରେ ଥିବା ଗୁପ୍‌ଚୁପ୍, ଚାଟ୍, ମୋମୋସ୍, ଚିକେନ୍ ପକୋଡ଼ା, ଚିକେନ୍ ଲଲିପପ୍, ରୋଲ, ଚାଓମିନ୍, ବିରିୟାନୀ, ବରା, ଆଳୁଚପ୍ ସାଙ୍ଗକୁ ପକୋଡ଼ା। ଖାଇବାକୁ ସସନ୍ଦ କରିଥାନ୍ତି। ହେଲେ ଗୁଳୁଗୁଳିରେ ପ୍ରଭାବିତ ହୋଇଛି ଫାଷ୍ଟଫୁଡ୍ ଆଇଟମ୍। ଆମିଷ ଦୋକାନ ହେଉ ଅବା ନିରାମିଷ ଦୋକାନ ଯୁବଗୋଷ୍ଠୀମାନେ ଫାଷ୍ଟଫୁଡ୍ ଖାଇବାକୁ ଲାଇନ୍ ଲଗାଉଥିବା ବେଳେ ଏବେ ସନ୍ଧ୍ୟାରେ ତେଲଛଣ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ବ୍ୟବସାୟୀମାନଙ୍କ ପାଖରେ ଗ୍ରାହକଙ୍କ ଦେଖା ମିଳୁନି । କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, ବୈପାରୀଗୁଡା ଆଦି ସହରରେ ଥଣ୍ଡା ପାନୀୟ ଜଳ ଓ ତରଭୁଜର ଚାହିଦା ବୃଦ୍ଧି ପାଇଛି ।

## ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ:ଚିନ୍ତାରେ ଚାଷୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଅଦିନିଆ ବର୍ଷା ଭଦ୍ରକ ବ୍ଲକ ପରିବା ଚାଷୀଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ। ଗତ ତିନି, ଚାରି ଦିନ ହେବ ଅପରାହ୍ନରେ କୁଆ ପଥର ବର୍ଷା ଫଳରେ ଜହ୍ନି, ପୋଟଳ, ଭେଣ୍ଡି, ପୋଇ, ଶାଗ ଆଦି ଚାଷୀଙ୍କର ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି। ଅନେକଙ୍କ ବାଡ଼ିରେ ପାଣି ଜମିବା ଯୋଗୁ ଅନେକ ଗଛ ପଚି ଯାଇଥିବା କଥା କହନ୍ତି ଜଗଦଳପୁର ପଞ୍ଚାୟତର ବାହାଦଲପୁର ଜଣେ ଚାଷୀ ରବୀନ୍ଦ୍ର ଦାସ। ରାହାଞ୍ଚିର ଗଣେଶ ପାଲ, ମାଧବ ବାରିକ ରମ୍ଭିଳାର ରମାକାନ୍ତ ବାରିକ ଏରଡ଼ାର ହୃଷିକେଶ ପଣ୍ଡା, ଶ୍ୟାମସୁନ୍ଦର ଜେନା, ପ୍ରମୋଦ ପାଣିଗ୍ରାହୀ ଜଗଦଳପୁର ପଞ୍ଚାୟତର ଅନେକ ପରିବା ଚାଷୀଙ୍କର ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି। ଏଥିନେଇ ଗ୍ରାମ ସେବକ ନୀଳକଣ୍ଠ ବାରିକଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି ପ୍ରକାଶ କରିଛନ୍ତି।

# ପୋଖରୀର ହେଉନି ପୁନରୁଦ୍ଧାର:ଦଳ ଓ ମାଟି ଭର୍ତ୍ତି ଯୋଗୁ ବଢୁଛି ଯନ୍ତ୍ରଣା

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ପୁନରୁଦ୍ଧାର ଅଭାବରୁ ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳର ଅଧିକାଂଶ ପୋଖରୀ ବର୍ତ୍ତମାନ ଶୁଖିଲା କିମ୍ବା ଅନାବନା ଗଛ, ଘାସରେ ପରିପୂର୍ଣ୍ଣ ହୋଇଯାଇଛି । ଯାହା ଆଗକୁ ଖରା ଦିନ ବଢିଲେ ଗୋରୁଙ୍କ ଯନ୍ତ୍ରଣା ବୃଦ୍ଧି ହେବାର ଆଶଙ୍କା ରହିଛି। ଏହା ସହ ଗ୍ରାମାଞ୍ଚଳର ଲୋକେ ଯେଉଁ ଗାଧୁଆ ପାଧୁଆ କରୁଥିଲେ ସେଥିରେ ବି ଉପୁଜିବ ସମସ୍ୟା। ଜିଲ୍ଲାରେ ଜିଲ୍ଲାପରିଷଦ, ପଞ୍ଚାୟତିରାଜ ସହ ବନବିଭାଗ, ମତ୍ସ୍ୟସମ୍ପ୍ରସାରଣ, ଉଦ୍ୟାନ, କୃଷି ଆଦି ବିଭାଗ ପକ୍ଷରୁ ବି ଜିଲ୍ଲାର ୧୦ଟି ଯାକ ବ୍ଲକରେ ପୋଖରୀ ଖନନ୍ ହୋଇଥିଲା। ବେଶି ପଞ୍ଚାୟତିରାଜ ବିଭାଗ ଅଧିନରେ ରହିଛି। ପୁନଃରୁଦ୍ଧାର ଅଭାବରୁ ଜିଲ୍ଲାର ଅଧିକାଂଶ ପୋଖରୀ ପାଣି ଅଭାବରୁ ପୋତି ହେବାକୁ ବସିଲାଣି। ଗ୍ରାମାଞ୍ଚଳର ପୋଖରୀ ପ୍ରାୟତଃ ଗୃହପାଳିତ ପଶୁଙ୍କ ଗାଧୋଇବା, କିଛି ଗାଁରେ ଲୋକେ ବି ଗାଧେଇବା ସହ ପାନୀୟ ଜଳର ବ୍ୟବହାରରେ ଆସିଥାଏ। କିନ୍ତୁ ଜିଲ୍ଲାର ଗ୍ରାମାଞ୍ଚଳ ମାନଙ୍କରେ ରାସ୍ତାକଡ଼ରେ ଥିବା ଅନେକ ପୁରାତନ ପୋଖରୀ ଦୀର୍ଘ ଦିନ ଧରି ପୁନଃରୁଦ୍ଧାର ହୋଇପାରିନାହିଁ। ଫଳରେ ବର୍ତ୍ତମାନ ତାହା ପଙ୍କ କାଦୁଆ ଓ ଅନାବନା ଲତାରେ ପରିପୂର୍ଣ୍ଣ ହୋଇ ପୋତି ହେବାକୁ ବସିଲାଣି। ଖରାଦିନେ ପଶୁଙ୍କ ପାଇଁ ଜଳାଭାବ ସମସ୍ୟା ସୃଷ୍ଟି କରିଛି। ଆଉ ଯେଉଁ ପୋଖରୀରେ ଅଳ୍ପ ପାଣି ରହୁଛି ସେହି କାଦୁଆ ପଙ୍କ ପାଣି ପିଇବାକୁ ବାଧ ହେଉଛନ୍ତି ପଶୁ। ମଣିଷ ହେଉ ଅବା ପଶୁ ହେଉ କି ପକ୍ଷୀ ପାନୀୟ ଜଳ ସମସ୍ୟା ସମସ୍ତଙ୍କ ପାଇଁ ସମାନ ହୋଇଥିବା ବେଳେ କିନ୍ତୁ ଖରା ଦିନ ପୂର୍ବରୁ ମଣିଷଙ୍କ ପାଇଁ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ ନେଇ ସମସ୍ତେ ତତ୍ପରତା ଦେଖାଉଥିବା ସହ ଯଦି ସଠିକ୍ ସମୟରେ ତାହା ପୁରଣ ନହୁଏ ତେବେ ସେ ନେଇ ସରକାରୀ କାର୍ଯ୍ୟାଳୟ ଘେରାଉ ସହ ରାସ୍ତାରୋକ ଭଳି ଅନେକ ପ୍ରତିବାଦ ଦେଖାଦିଏ। କିନ୍ତୁ ପଶୁଙ୍କ ପ୍ରତିବାଦ କରିବାର ଶକ୍ତି ନଥିବାରୁ ସେମାନଙ୍କ ସମସ୍ୟା ପ୍ରତି ଅଣଦେଖା କରୁଥିବା ଅରୁଣ କୁମାର ରଥ, ବୃନ୍ଦାବନ ତ୍ରିପାଠୀ ଓ ଜିଲ୍ଲାପରିଷଦ ସଭ୍ୟ ଅରୁଣ ମିଶ୍ର ଅଭିଯୋଗ କରିଛନ୍ତି। ଭାରତରେ ଗାଈକୁ ମା’ର ମାନ୍ୟତା ଦିଆଯାଉଥିବା ବେଳେ ଗୋମାତାର ଯତ୍ନ ନେଇ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ପୁରାତନ ପୋଖରୀ ଯାହା ରାସ୍ତାକଡ଼ରେ ଥିବାବେଳେ ପଥଚାରୀ ବାଟୋଇଙ୍କ ସହ ପଶୁ ପକ୍ଷୀଙ୍କ ଗାଧୋଇବା ସହ ପାନୀୟ ଜଳ ପାଇଁ ବ୍ୟବହାରରେ ଆସୁଥିଲା। ତାଙ୍କ ଗାଁ ଭାଟିଗାଁକୁ ଯିବା ରାସ୍ତା ସମ୍ମୁଖରେ ଥିବା ଶୀତଳୀସରାଳ ଏବେ ପୋତି ହୋଇ ଶୁଖିଲା। ନବରଙ୍ଗପୁର-କୋଷାଗୁମୁଡା ରାସ୍ତାର ପଥଚାରୀ ଓ ଗ୍ରାମବାସୀଙ୍କ ପାଇଁ ଶୀତଳୀସରାଳ ସେବା ଯୋଗାଇବା ସହ ଅଞ୍ଚଳକୁ ଥଣ୍ଡା ରଖୁଥିଲା। ତାଙ୍କ ନିର୍ବାଚନ ମଣ୍ଡଳୀରେ ବି ୨୦ରୁ ଉର୍ଦ୍ଧ୍ୱ ପୋଖରୀ ପୋତି ହୋଇ ସମସ୍ୟା ସୃଷ୍ଟି କରିଛି ବୋଲି କହିଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ। ପ୍ରଶାସନ ଜିଲ୍ଲାର ପୁରାତନ ପୋଖରୀ ବ୍ୟବହାର ଉପଯୋଗୀ ପୋଖରୀକୁ ତୁରନ୍ତ ପୁନରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି। ଅପରପକ୍ଷରେ ଗ୍ରାମପଞ୍ଚାୟତରେ ପୋଖରୀ ଖନନ ସହ ପୁନଃରୁଦ୍ଧାର ପାଇଁ ଅନେକ ଯୋଜନା ବିଭିନ୍ନ ବିଭାଗରେ ରହିଛି। ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇ ତୁରନ୍ତ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ।

# ଲୋକକଳାକୁ ବଞ୍ଚାଇ ରଖିବା ପାଇଁ କଳାକାରମାନଙ୍କୁ ପ୍ରୋତ୍ସାହିତ କରାଯାଉ

**ବାଲେଶ୍ୱର, ନ୍ୟୁଜ୍**



ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ, ବାଲେଶ୍ୱର ସଦରଙ୍କ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ପ୍ରାଙ୍ଗଣରେ ଲୋକକଳା ପାଇଁ ଦିନଟିଏ ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ମହାସମାରୋହରେ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବିଧାୟକ ସଦରଙ୍କ ପ୍ରତିନିଧି ହରେନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ମଲ୍ଲିକ ଯୋଗଦାନ କରି ଲୋକକଳା ଦିବସ ସମ୍ବନ୍ଧରେ ଆଲୋକପାତ କରିବା ସହିତ ହଜିଯାଉଥିବା ଲୋକକଳାକୁ ବଞ୍ଚାଇ ରଖିବା ପାଇଁ କଳାକାର ମାନଙ୍କୁ ଅନୁପ୍ରାଣିତ କରିଥିଲେ । ଏହାପରେ ଅତିଥିମାନେ ସଦର ବ୍ଲକ ଅଞ୍ଚଳର ୨୫ ଜଣ ପ୍ରମୁଖ ଲୋକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ସ୍ଥାନୀୟ ଲୋକକଳା ଅନୁଷ୍ଠାନ ଶୀତଳା ମାତା ସଂକୀର୍ତ୍ତନ ଦଳ, ବାବା ଭଲେଶ୍ୱର ପାଲା ପରିଷଦ, ମା’ ବାସନ୍ତୀ ଚଢ଼େୟା ନାଟର କଳାକାର ମାନଙ୍କ ଦ୍ୱାରା ସଂକୀର୍ତ୍ତନ, ପାଲା ଓ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ମଧୁଛନ୍ଦା ଗିରି ପରିଚାଳନା କରିଥିଲେ ।

# ଚେନ୍ନାଇ-ଦିଲ୍ଲୀ ମ୍ୟାଚ୍‌ରେ ଗ୍ଲୋବସ୍ ବିବାଦ ପରେ ଷ୍ଟବ୍ସ ଆଉଟ୍, ଅମ୍ପାୟାର-ନୀତିଶ ମୁହାଁମୁହିଁ

**ନୂଆଦିଲ୍ଲୀ**



ଚଳିତ ସିଜନରେ ଚେନ୍ନାଇ ଖାତା ଖୋଲିଛି। ଦିଲ୍ଲୀକୁ ୨୩ ରନରେ ପରାସ୍ତ କରି ପ୍ରଥମ ମ୍ୟାଚ୍ ଜିତିଛି। ମ୍ୟାଚ୍‌ର ମୁଖ୍ୟ ଆକର୍ଷକ ଥିଲେ ସଞ୍ଜୁ ସାମସନ ଯିଏକି ୩ଟି ମ୍ୟାଚ୍‌ରେ ବିଫଳତା ପରେ ଶତକ ହାସଲ କରି ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। ଚେନ୍ନାଇ ସୁପର କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ରେ ପଡ଼ିଆର ପରିବେଶ ସରଗରମ ହୋଇଯାଇଥିଲା। ଅମ୍ପାୟାର ଟ୍ରିଷ୍ଟାନ୍ ଷ୍ଟବ୍ସଙ୍କ ଗ୍ଲୋବସ୍ ବଦଳାଇବା ଅନୁରୋଧକୁ ମନା କରିଦେଇଥିଲେ। ଏହା ପରେ ପରେ ହିଁ ଷ୍ଟବ୍ସ ଆଉଟ୍ ହୋଇଥିଲେ। ଏହା ପରେ ଅମ୍ପାୟାରଙ୍କ ସହ ଦିଲ୍ଲୀ ପ୍ରଶିକ୍ଷକ ଏବଂ ନୀତିଶ ରାଣା ମୁହାଁମୁହିଁ ହୋଇଥିଲେ।

ଅମ୍ପାୟାର-ନୀତିଶ ଯୁକ୍ତିତର୍କ-ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେୟାର ଅମ୍ପାୟାରଙ୍କ ଏକ ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାଟି ହେଉଛି, ଟ୍ରିଷ୍ଟାନ ଷ୍ଟବ୍ସ ଗ୍ଲୋବସ ବଦଳାଇବାକୁ ଅନୁରୋଧ କରିଥିଲେ। ଯାହାକୁ ଅମ୍ପାୟାର ମନା କରିଥିଲେ। ଏହି ନିଷ୍ପତ୍ତି ପରେ ନୀତିଶଙ୍କ ଚତୁର୍ଥ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଦଳର ପ୍ରଶିକ୍ଷକ ହେମାଙ୍ଗ ବଦାନୀ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ। ୧୯ତମ ଓଭରରେ ଏହି ଘଟଣା ଘଟିଥିଲା। ଷ୍ଟବ୍ସଙ୍କ ଗ୍ଲୋବସ ଝାଳରେ ଓଦା ହୋଇଯାଇଥିଲା। ତେଣୁ ସେ ଏହାକୁ ବଦଳାଇବାକୁ ଅନୁମତି ମାଗିଥିଲେ। ଓଭର ମଝିରେ ଗ୍ଲୋବ୍‌ସ ବଦଳାଇବାକୁ ଅନୁମତି ଦିଆଯାଇନଥିଲା। ଏହାକୁ ନେଇ ଦିଲ୍ଲୀ ଶିବିରରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ଗିଲ୍-ବଟ୍‌ଲରଙ୍କ ଅର୍ଦ୍ଧଶତକ : ଲକ୍ଷ୍ନୌ ବିପକ୍ଷରେ ଗୁଜରାଟର ସହଜ ବିଜୟ

**ଲକ୍ଷ୍ନୌ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଊନବିଂଶ ମୁକାବିଲାରେ ଗୁଜରାଟ ଟାଇଟନ୍ସ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରିଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ଗୁଜରାଟ ଟାଇଟନ୍ସ ୭ ୱିକେଟ୍‌ରେ ପରାସ୍ତ କରିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟିମ୍ ୧୮.୪ ଓଭରରେ ୩ ୱିକେଟ୍ ହରାଇ ୧୬୫ ରନ୍ କରିଛି।



ଗୁଜରାଟର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ସାଇ ସୁଦର୍ଶନ ଏବଂ ଶୁବମନ ଗିଲ୍ ପ୍ରଥମ ୱିକେଟ ପାଇଁ ୪୫ ରନର ଭାଗିଦାରୀ ହୋଇପାରିଥିଲେ। ତେବେ ଲକ୍ଷ୍ନୌର ପ୍ରଥମ ଶିକାର ହୋଇଥିଲେ ସାଇ ସୁଦର୍ଶନ। ଆଉଟ୍ ହେବା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ୧୪ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୩ଟି ଚୌକା ସହାୟତାରେ ୧୫ ରନ୍ ସଂଗ୍ରହ କରିଥିଲେ।

ଗିଲ୍ ଏବଂ ଜୋସ୍ ବଟଲର ଦ୍ୱିତୀୟ ୱିକେଟ୍ ପାଇଁ ୮୪ ରନ୍‌ର ଭାଗିଦାରୀ କରିଥିଲେ। ଗିଲ୍ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୫୬ ରନ୍ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ଗୋଟିଏ ଚୌକା ସାମିଲ କରିଥିଲେ। ବଟଲର ୩୭ଟି ବଲ୍ ଖେଳି ୧୧ଟି ଚୌକା ସହାୟତାରେ ୬୦ ରନ୍ କରିଥିଲେ। ୱାସିଂଟନ ସୁନ୍ଦର ଅପରାଜିତ ୨୧ ରନ୍ ଏବଂ ରାହୁଲ ତେୱାଟିଆ ଅପରାଜିତ ୧୦ ରନ୍ କରିଥିଲେ।

ଲକ୍ଷ୍ନୌସ୍ଥିତ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମରେ ରବିବାର ଟସ୍ ଜିଣି ଗୁଜରାଟ ଟାଇଟନ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଗୁଜରାଟ ବୋଲିଂର ସଫଳ ରଣନୀତି ପ୍ରସ୍ତୁତ କରି ଘରୋଇ ଦଳକୁ ୧୬୪ ରନ୍‌ରେ ଅଟକାଇଥଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇଥିଲା।

ଗୁଜରାଟ ପାଇଁ ବୋଲିଂର ନାୟକ ଭାବେ ପ୍ରସିଦ୍ଧ କ୍ରିଷ୍ଣା ଉଭା ହୋଇଥିଲେ। ସେ ୪ ଓଭର ବୋଲିଂ କରି ୪ଟି ମୂଲ୍ୟବାନ ୱିକେଟ ନେଇଥିଲେ। ଗୁଜରାଟର ବ୍ୟାଟର ଆଇଦେନ ମାର୍କରାମ, ଆୟୁଷ ବଦୋନି, ନିକୋଲାସ ପୂରନ ଏବଂ ମୁକୁଲ ଚୌଧୁରୀଙ୍କୁ ସେ ପାଭିଲିଅନ ପଠାଇଥିଲେ। ଇନିଂସ ଆରମ୍ଭରୁ ଗୁଜରାଟ ବିପର୍ଯ୍ୟୟର ସାମ୍ନା କରିଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୪ଟି ବଲ୍ ଖେଳି ୧୧ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ତାଙ୍କର ସାଥୀ ଆଇଦେନ୍ ମାର୍କରାମ ୨୧ଟି ବଲ୍ ସାମ୍ନା କରି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଋଷଭ ପନ୍ତ ୧୮ ରନ୍ କରିଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

କୋଲକାତା ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରିଥିବା ମୁକୁଲ ଚୌଧୁରୀଙ୍କ ବ୍ୟାଟ ପୂର୍ବଭଳି ଆଜି କାମ କରି ନଥିଲା। ସେ ୧୪ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ ସଂଗ୍ରହ କରିଥିଲେ। ନିକୋଲାସ ପୂରନ ୧୯ ରନ୍ ଏବଂ ଅବଦୁଲ ସାମଦ ୧୮ ରନ୍ ସଂଗ୍ରହ କରିଥିଲେ। ଜର୍ଜ ଲିଣ୍ଡେ ୧୬ ରନ୍ ସଂଗ୍ରହ କରିଥିଲେ। ମହମ୍ମଦ ସାମି ୧୨ ରନ୍ ଏବଂ ଆଭେସ ଖାନ୍ ୪ ରନ୍ ସଂଗ୍ରହ କରିଥିଲେ।

# ପ୍ରେମିକାଙ୍କ ସହ ନଜର ଆସିଲେ ଅର୍ଶଦୀପ

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ଅର୍ଶଦୀପ ନିଜର ବଲରେ ବଡ଼ ବଡ଼ ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଛନ୍ତି। ନିଜର ବୋଲିଂ ପାଇଁ ବେଶ୍ ଚର୍ଚ୍ଚାରେ ରହୁଥିବା ଅର୍ଶଦୀପ ଏବେ ପ୍ରେମରେ ପଡ଼ିଥିବା ନେଇ ଆଲୋଚନା ଆରମ୍ଭ ହୋଇଛି। ନିକଟରେ ଅର୍ଶଦୀପ ତାଙ୍କର ସ୍ନାପଚାଟ୍‌ରେ ଏକ ଫଟୋ ପୋଷ୍ଟ କରିଥିଲେ। ଯେଉଁଥିରେ ଜଣେ ଝିଅ ରହିଥିଲେ। ତାଙ୍କ ମୁହଁ ଭଲରେ ଦିଶୁନଥିଲା। ତେବେ ସେ କିଏ ଏ ସମ୍ପର୍କରେ ଜାଣିବା ପାଇଁ ଫ୍ୟାନ୍‌ମାନେ ଖୋଜିବାକୁ ଆରମ୍ଭ କରିଥିବାବେଳେ ଅର୍ଶଦୀପଙ୍କ ନାଁ ସହ ଯୋଡ଼ି ହୋଇଛି ସମରିନ୍ କୌରଙ୍କ ନାମ। ପଞ୍ଜାବୀ ମଡେଲ ତଥା ଅଭିନେତ୍ରୀ ସମରିନଙ୍କ ଫଟୋକୁ ଅର୍ଶଦୀପ ଜାଣିଶୁଣି ପୋଷ୍ଟ କରିଥିବାବେଳେ ନିଜର ସମ୍ପର୍କକୁ ସେ କନଫର୍ମ କରିବାକୁ ଚାହୁଁଥିବା ଅନେକ ଦାବି କରୁଛନ୍ତି। କାରଣ ସେ ପୋଷ୍ଟ କରିଥିବା ଫଟୋରେ ମୁହଁ ଜଣା ପଡୁନି ସତ କିନ୍ତୁ ତାଙ୍କ ହାତରେ ଥିବା ଟାଟୁ ଜଣାପଡୁଛି। ଯେଉଁଥିରୁ ଏଭଳି ଅନୁମାନ କରାଯାଉଛି। ସମରିନ ପଞ୍ଜାବୀ ଫିଲ୍ମ ଜଗତରେ ବେଶ୍ ଜଣାଶୁଣା। ଏହାସହ ସେ ବହୁ ହିଟ୍ ଆଲବମରେ ମଧ୍ୟ ବୋଲ୍ଡ ଲୁକ୍‌ରେ ନଜର ଆସିଛନ୍ତି। ବଲିଉଡରେ ମଧ୍ୟ ଛୋଟ ଅଭିନୟ କରି ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି।

## ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗ୍ରାମୀଣ ପ୍ରତିଭାକୁ ବିଶ୍ୱସ୍ତରକୁ ନେବାକୁ ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଷ୍ଟାଡିଅମ ଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ରାଇଜିଂ ଷ୍ଟୁଡେଣ୍ଟ୍‌ସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି। ଏହି ଫାଇନାଲ ମ୍ୟାଚ୍ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସଅପ୍ ବିଜେତା ଦଳକୁ ପୁରସ୍କୃତ କରିଥିଲେ।



ଆମ ଦେଶରେ ପ୍ରତିଭାର କୌଣସି ଅଭାବ ନାହିଁ। କିନ୍ତୁ ଦେଶର ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ପ୍ରତି ପଞ୍ଚାୟତ ଏବଂ ବ୍ଲକ୍‌ରେ ଷ୍ଟାଡିମୟ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ।

ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ପ୍ରତ୍ୟେକ ସଫଳତା ସହ ଓଡ଼ିଶା ନିଜକୁ କ୍ରୀଡ଼ା ଜଗତରେ ଏକ ଉଦୀୟମାନ ଶକ୍ତି ଭାବେ ପ୍ରମାଣିତ କରୁଛି। ଆସନ୍ତା ୨୦୨୮ ମସିହାରେ ହେବାକୁ ଥିବା ୱାର୍ଲଡ ଆଥ୍‌ଲେଟିକ୍‌ସ ଇନ୍‌ଡୋର ଚାମ୍ପିୟନସିପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ହିଁ ଖେଳହେବ। ଓଡ଼ିଶା ଏହାର ଆୟୋଜନ କରିବ। ଯାହା ଆମ ପାଇଁ ଗୌରବର କଥା। ଏଥିରେ ବ୍ଲକଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଫୁଟବଲ, ଆଥ୍‌ଲେଟିକ୍ସ, ହକି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଲକ୍ଷାଧିକ ଆଥଲେଟ୍ ଅଂଶଗ୍ରହଣ କରିବେ। ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ଉଦୀୟମାନ ଖେଳାଳି ଛୋଟ ଛୋଟ ସହରରୁ ଆସି ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି। ଧୋନୀ, ଜାଡ଼େଜା, ରିଙ୍କୁ ସିଂ, ସୁରେଶ ରାଇନା, ଶୁଭମନ ଗିଲ, ଯଶସ୍ୱୀ ଜୟଶ୍ୱାଲ ଇତ୍ୟାଦି ଦେଖାଇଛନ୍ତି ଯେ ଯଦି ପ୍ରତିଭା ଅଛି ତେବେ ସଫଳତା ଦୂର ନୁହେଁ। କେବଳ କ୍ରିକେଟ ନୁହେଁ, ଅନ୍ୟ ଖେଳରେ ମଧ୍ୟ ଆମ ଖେଳାଳି ନିଜ ପାଇଁ ନିଜ ଦେଶ ଭାରତ ପାଇଁ ଗୌରବ ଆଣିଛନ୍ତି। ଏହି ସବୁ ପ୍ରତିଭାବାନ ଖେଳାଳିଙ୍କୁ ଆବଶ୍ୟକ ଭିତ୍ତିଭୂମି, କିଟ୍ସ, ଖେଳ ପଡ଼ିଆ ପ୍ରଦାନ କରିବା ହେଉଛି ସରକାରଙ୍କ କାମ। ତେଣୁ ଆମ ସରକାର ଏହି ଦିଗରେ ଯତ୍ନବାନ ଅଛନ୍ତି ଏବଂ ଏହି ଦିଗରେ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ସେ କହିଥିଲେ। ସେ କହିଥିଲେ, କ୍ରିକେଟ ଆମ ପାଇଁ ଗୋଟିଏ ଅନ୍ତର୍ନିହିତ ଆନନ୍ଦ, ଏହି ଖେଳ ଆମକୁ ଏକତା ଦିଏ, ଉତ୍ସାହ ଦିଏ ଓ ଏକ ଆଶା ଦିଏ। ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ କରି ଏମ୍.ଏସ୍. ଧୋନି, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କର ଖେଳ ଦେଖି ଅନେକ ଯୁବକ ପ୍ରେରିତ ହୁଅନ୍ତି।

କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ୍ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଗାନ୍ଧୀ ଷ୍ଟାଡିଅମ, ସୋନପୁରରେ ସକାଳ ୮.୩୦ରେ ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୨୦୨୬ ଆଥଲେଟିକ୍ସ ଅନୁଷ୍ଠିତ ହୋଇଅଛି। ପୂର୍ବରୁ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ଅନ୍ୟ ଶାରୀରିକ ଶିକ୍ଷକମାନେ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଏହିପରି ଆସନ୍ତା ୧୬.୦୪.୨୦୨୬ରେ 'ଖୋଖୋ' ଏବଂ ୧୭.୦୪.୨୦୨୬ ରେ 'ଭଲିଭଲ' ଖେଳ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦିନ ଧାର୍ଯ୍ୟ ହୋଇଛି।

# ଫଳ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ମର୍ଯାଦପୁର ନିକଟରେ ଫଳ ବୋଝେଇ ପିକଅପ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଭୋର ୫ ଘଣ୍ଟା ସମୟରେ ବଲାଙ୍ଗୀରରୁ ଫଳ ଓ ପନିପରିବା ବୋଝେଇ କରି ଏକ ପିକ୍‌ଅପ୍ ବୌଦ୍ଧ ଆଡ଼କୁ ଆସୁଥିବା ବେଳେ ମର୍ଯାଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଏକ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବର ପାଇ ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସିଏମ୍ ଟ୍ରଫି ଦ୍ୱିତୀୟ ଦିବସରେ ବୌଦ୍ଧ ବ୍ଲକ୍ ବିଜୟୀ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଆନୁକୂଲ୍ୟରେ ଏବଂ ବୌଦ୍ଧ ଜିଲ୍ଲା କ୍ରୀଡା ସଙ୍ଘ ତଥା ଜିଲ୍ଲା ପ୍ରଶାସନ ଦ୍ୱାରା ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଆୟୋଜିତ ହେଉଥିବା ବୌଦ୍ଧରେ ସିଏମ ଟ୍ରଫି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ସମାପ୍ତ ହୋଇଯାଇଛି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ବାଳକ ବିଭାଗ ଫୁଟବଲ ପ୍ରତିଯୋଗିତା ବୌଦ୍ଧ ମ୍ୟୁନିସିପାଲିଟି ବି ଏବଂ ବୌଦ୍ଧ ବ୍ଲକ୍ ବି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବୌଦ୍ଧ ବ୍ଲକ ବି ୮-୦ ଗୋଲରେ ବିଜୟୀ ହୋଇଛି। ବାଳିକା ବିଭାଗ ଫୁଟବଲ ପ୍ରତିଯୋଗିତା ବୌଦ୍ଧ ମ୍ୟୁନିସିପାଲିଟି ଏବଂ ବୌଦ୍ଧ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବୌଦ୍ଧ ବ୍ଲକ ୨-୦ ଗୋଲରେ ବିଜୟୀ ହୋଇଛି। ସେହିପରି ଉଭୟ ବାଳକ ଏବଂ ବାଳିକା ବିଭାଗ କବାଡ଼ି ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଥିବା ବେଳେ ବାଳକ ବିଭାଗରେ ଗଭମେଣ୍ଟ ଏଚଏସ ପୁରୁଣା କଟକ ଚାମ୍ପିଅନ ହୋଇଛି ଏବଂ ବାଳିକା ବିଭାଗରେ ହରଭଙ୍ଗା ବ୍ଲକ ଚାମ୍ପିଅନ ହୋଇଛି।

# ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା : ୨୯ ପଦକ ବିଜେତା କିସ୍ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଛତିଶଗଡ଼ଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ପଦକ ବିଜେତା କିସ୍ ଛାତ୍ରଛାତ୍ରୀଙ୍କୁ 'କିଟ୍' ଓ 'କିସ୍' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପଦକ ବିଜେତା କିସ୍‌ର ୨୯ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି କିସ୍ ଛାତ୍ରୀ ଅଞ୍ଜଳି ମୁଣ୍ଡା ଏକାକୀ ସନ୍ତରଣର ବିଭିନ୍ନ ବର୍ଗରେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅନ୍ୟ କିସ୍ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ମୋଟ୍ ୯ ସ୍ୱର୍ଣ୍ଣ, ୮ ରୌପ୍ୟ ପଦକ ଏବଂ ୧୨ କାଂସ୍ୟ ପଦକ ହାସଲ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ କିସ୍ ସମୁଦାୟ ୨୯ଟି ପଦକ ହାସଲ କରିଛି। ସନ୍ତରଣରେ ଏକାକୀ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଞ୍ଜଳିଙ୍କୁ ଏକ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଡ. ସାମନ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଏହା ଆରମ୍ଭ ମାତ୍ର। ଆହୁରି ଅଧିକ ସଫଳତା ପାଇବାକୁ ହେଲେ ଧୈର୍ଯ୍ୟ ଓ ଉଦ୍ୟମ ଆବଶ୍ୟକ। କିଟ୍ ଓ କିସ୍ ଆପଣମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛି। ଅଧିକରୁ ଅଧିକ ପରିଶ୍ରମ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍‌ର ପିଲାମାନେ ଅଲିମ୍ପିକ୍ସରେ ଅଂଶଗ୍ରହଣ ଆମର ଲକ୍ଷ୍ୟ ରହିଛି ବୋଲି ଡ. ସାମନ୍ତ କହିଥିଲେ। ସୂଚନାଯୋଗ୍ୟ, ଏହି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୨୫ଜଣ ଖେଳାଳି ଭାଗ ନେଇଥିଲା ବେଳେ କିଟ୍ ଓ କିସ୍‌ରୁ ୪୮ଜଣ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ଓ କିସ୍ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏବଂ ଗ୍ଲେନ୍‌ମାର୍କ ସନ୍ତରଣ କୋଚ୍ ଅବଦୁଲ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲି ମାଫିଆଙ୍କ ଛୁରାମାଡ଼ ନେଇ ୧୨ ଜଣଙ୍କ ନାଁରେ ଏତଲା ଦେଲେ ସମାଜସେବୀଙ୍କ ପତ୍ନୀ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଧୀନସ୍ଥ ମହମ୍ମଦ ନଗର ପାଟଣା ପଞ୍ଚାୟତର ସେକ୍‌ସରାଇ ଗାଁର ସମାଜସେବୀ ହରିପଦ ମାନ୍ନାଙ୍କୁ ତଣ୍ଟି କାଟି ହତ୍ୟା ଉଦ୍ୟମ ଘଟଣାରେ ତାଙ୍କ ପତ୍ନୀ ଅର୍ଚ୍ଚନା ରବିବାର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଚନ୍ଦନ ବାସ୍କେ, ସାଗର ବାସ୍କେ, ଭରତ ବାସ୍କେ, ଅଭିଷେକ ଦେ, ସରୋଜ ସାହୁ, ସୁବୋଧ ବେହେରା, ଅଶୋକ ପଲେଇ, ପ୍ରଶାନ୍ତ ପଲେଇ, ମଦନ ଟୁଡୁ, ଦେବେନ୍ଦ୍ର ନାୟକ, ଚନ୍ଦନ ନାୟକ, ରବୀନ୍ଦ୍ର ନାୟକ, ମଦନ ମୋହନ ସାହୁଙ୍କ ସମେତ ୧୨ ଜଣଙ୍କ ନାମ ଦର୍ଶାଇଛନ୍ତି। ସେମାନେ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମିଳିତ ଭାବେ ଆକ୍ରମଣ କରିଥିବା ସେ ଉଲ୍ଲେଖ କରିଛନ୍ତି। ଏପଟେ ଗୁରୁତର ହରିପଦଙ୍କୁ ଶନିବାର ଜଳେଶ୍ୱର ଜି.କେ. ଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା। ସ୍ଥିତି



ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ବାଲି ମାଫିଆମାନେ ବାଲି ଚାଲାଣ କରୁଥିବାରୁ ସେଖସରାଇ ଗାଁ ସମେତ ଆଖପାଖ ଅଞ୍ଚଳରେ ପରିବେଶଗତ ସମସ୍ୟା ସୃଷ୍ଟି ହେଉଛି। ତେଣୁ ହରିପଦ ନିୟମିତ ବାଲି ମାଫିଆଙ୍କୁ ବିରୋଧ, ପ୍ରତିବାଦ ସଭା ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରୁଥିବାରୁ ମାଫିଆମାନେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବାକୁ ଏପରି କାଣ୍ଡ ଭିଆଇଥିବା ଅଭିଯୋଗ ହେଉଥିବା ବେଳେ ପୁଲିସ ୨୧୬ରେ ମାମଲା ରୁଜୁ କରି ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସ୍‌ଆଇ ଚିରଞ୍ଜିବୀ ରାଉତଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି।

## ଫିଫା ବିଶ୍ୱକପ୍‌କୁ ଭାରତୀୟ ପ୍ରସାରକଙ୍କ 'ନା'

# କିଏ ଦେଖାଇବେ ମେସି-ରୋନାଲ୍ଡୋଙ୍କ ଶେଷ ମ୍ୟାଚ୍ : ଫସିଛି ମାମଲା

**ନୂଆଦିଲ୍ଲୀ**

ଆଉ ମାତ୍ର ୨ମାସ ପରେ ଆରମ୍ଭ ହେବ ବିଶ୍ୱର ସବୁଠୁ ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍। ଆୟୋଜକ ଚଢ଼ା ଦାମ୍‌ରେ ଟିକେଟ୍ ବିକ୍ରି କରିବାରେ ବ୍ୟସ୍ତ। ହେଲେ ବିଶ୍ୱକପ୍‌ର ପ୍ରସାରଣ ଅଧିକାରକୁ ନେଇ ଭାରତୀୟ ପ୍ରସାରକ ଆଗ୍ରହୀ ନାହାନ୍ତି। ଭାରତରେ ବିଶ୍ୱକପ୍ ପ୍ରସାରଣ କରିବା ପାଇଁ ଫିଫା ପ୍ରସାରକ ଖୋଜିବାରେ ବ୍ୟସ୍ତ। ହେଲେ ଭାରତୀୟ ପ୍ରସାରକ ବିଶ୍ୱକପ ପ୍ରସାରଣ ଅଧିକାର କିଣିବାକୁ ଚାହୁଁ ନାହାନ୍ତି। ଆସନ୍ତା ଜୁନ ଓ ଜୁଲାଇ ମାସରେ ବିଶ୍ୱକପ୍ ଆୟୋଜିତ ହେବ। ଆମେରିକା (ୟୁଏସଏ), ମେକ୍ସିକୋ ଓ କାନାଡ଼ା ମିଳିତ ଭାବେ ଏଥର ବିଶ୍ୱକପ ଆୟୋଜନ କରୁଛନ୍ତି। ଭାରତ କ୍ରୀଡ଼ାର ସବୁଠୁ ଲୋକପ୍ରିୟ ଦେଶ। ତଥାପି ଭାରତୀୟ ପ୍ରସାରକମାନେ ବିଶ୍ୱକପର ପ୍ରସାରଣ ଅଧିକାର କିଣିବାକୁ ଚାହୁଁନାହାନ୍ତି।

ଭାରତରେ ବିଶ୍ୱକପ ପ୍ରସାରଣ ଅଧିକାର ବିକ୍ରି କରିବା ପାଇଁ ଫିଫା ପ୍ରଥମେ ୧୦୦ ମିଲିୟନ ଡଲାର (୯୩୦.୯ କୋଟି ଟଙ୍କା) ମୂଲ୍ୟ ଧାର୍ଯ୍ୟ କରିଥିଲା। ମାତ୍ର ଭାରତୀୟ ପ୍ରସାରଣ କମ୍ପାନୀମାନେ ବିଡ୍ ଦାଖଲ କରି ନଥିଲେ। ବର୍ତ୍ତମାନ ଫିଫା ୬୫% ରିହାତି କରି ୩୫ ମିଲିୟନ ଡଲାର (୩୨୫.୮୨ କୋଟି ଟଙ୍କା)ରେ ସୀମିତ ରଖିଛି। ତଥାପି ପ୍ରସାରଣ ଅଧିକାର କିଣିବାକୁ କେହି ରାଜି ହେଉ ନାହାନ୍ତି। ଏହା ପଛର ଅସଲ କାରଣ ରହିଛି ମ୍ୟାଚ୍ ଆୟୋଜନ ସମୟ। ଭାରତୀୟ ସମୟ ଅନୁଯାୟୀ ବିଶ୍ୱକପର ଅଧିକାଂଶ ମ୍ୟାଚ୍ ସକାଳ ୭ଟାରେ ଆରମ୍ଭ ହେବ। ଏହି ସମୟ ବେଳକୁ ଭାରତରେ କେହି ମ୍ୟାଚ୍ ଦେଖିବା ସ୍ଥିତିରେ ନଥିବେ। ତେଣୁ ମ୍ୟାଚ୍ ପ୍ରସାରକଙ୍କୁ ବିଜ୍ଞାପନଦାତା ମିଳିବେ ନାହିଁ। କେବଳ ପ୍ରସାରକ ସଂସ୍ଥା କ୍ଷତି ସହିବା ସାର ହେବ।

ବିଶ୍ୱକପ୍‌ର ମୋଟ୍ ୧୦୪ଟି ମ୍ୟାଚ୍ ମଧ୍ୟରୁ କେବଳ ୧୩ଟି ମ୍ୟାଚ୍ ଭାରତୀୟ ସମୟ ଅନୁଯାୟୀ ରାତି ୯.୩୦ ଓ ରାତି ୧୨ଟାରେ ଆରମ୍ଭ ହେବ। ୨୦୨୨ କତାର ବିଶ୍ୱକପ୍ ବେଳେ ସମସ୍ତ ମ୍ୟାଚ୍ ଭାରତୀୟ ସମୟରେ ଅପରାହ୍ଣ ଓ ରାତ୍ରିରେ ଖେଳାଯାଉଥିଲା। ଫଳରେ ଭାରତୀୟମାନେ ମ୍ୟାଚ୍ ଦେଖିବାକୁ ଯଥେଷ୍ଟ ସମୟ ପାଉଥିଲେ। ଭାରତରେ ୭୪୫ ମିଲିୟନ ଦର୍ଶକ କତାର ବିଶ୍ୱକପ୍ ଦେଖିଥିବା ଫିଫା ଏକ ରିପୋର୍ଟରେ ପ୍ରକାଶ କରିଥିଲା। ସେତେବେଳେ ପ୍ରସାରକମାନେ ବହୁ ଅର୍ଥ ଆୟ କରିଥିଲେ। ଭାଏକମ ୧୮ ଓ ଷ୍ଟାର ଇଣ୍ଡିଆର ମିଶ୍ରଣ ହୋଇ ଜିଓଷ୍ଟାର ଭାବେ ଗୋଟିଏ କମ୍ପାନୀ ହେବା ପରେ ପ୍ରସାରଣ ଅଧିକାର ପାଇଁ ହେଉଥିବା ପ୍ରତିଦ୍ୱନ୍ଦ୍ୱିତାରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି।




ଏକାଧିକ ସଂସ୍ଥା ପ୍ରସାରଣ ଅଧିକାର ପାଇଁ ବିଡ୍ ଦାଖଲ କରିଥିଲେ ମୂଲ୍ୟ ବୃଦ୍ଧି ପାଇଥା'ନ୍ତା। ମାତ୍ର ଅନ୍ୟ କୌଣସି କମ୍ପାନୀ ବିଡ୍ ଦାଖଲ କରୁନଥିବାରୁ ଜିଓଷ୍ଟାର ଏକଚାଟିଆ ମୂଲ୍ୟ ନିର୍ଦ୍ଧାରଣ କରିବାର କ୍ଷମତା ହାସଲ କରିଛି। ବିଶ୍ୱକପ୍ର ପ୍ରସାରଣ ଅଧିକାର ପାଇଁ ଜିଓଷ୍ଟାର ୨୫ମିଲିୟନ ଡଲାର (୨୩୨.୭ କୋଟି ଟଙ୍କା) ବିଡ୍ ଦାଖଲ କରିଛି। ଯାହା ଫିଫାର ରିହାତି ମୂଲ୍ୟ ଠାରୁ ମଧ୍ୟ ୧୦ମିଲିୟନ ଡଲାର କମ୍ ରହିଛି। ବର୍ତ୍ତମାନ ଆୟୋଜକଙ୍କ ନିର୍ଦ୍ଧାରିତ ମୂଲ୍ୟ ଓ ବିଡ୍ ଦାଖଲ କରିଥିବା ଜିଓଷ୍ଟାର ମୂଲ୍ୟ ମଧ୍ୟରେ ରହିଥିବା ଏତେ ବଡ଼ ବ୍ୟବଧାନକୁ ପୂରଣ କରିବା କଷ୍ଟକର। ଭାରତୀୟ ପ୍ରସାରକ ଫିଫା ବିଶ୍ୱକପ୍‌ର ପ୍ରସାରଣ ଅଧିକାର ନେବା ପାଇଁ ରାଜି ନ ହେବା ପଛର ଆଉ ଏକ ବଡ଼ କାରଣ ହେଉଛି ବିଜ୍ଞାପନଦାତାଙ୍କ ଅଭାବ। ସାଧାରଣତଃ କ୍ରିକେଟ୍‌ରେ ପ୍ରତି ଓଭର ମଧ୍ୟରେ କିଛି ସମୟର ବିରତି ରହିଥାଏ। ବିରତି ସମୟରେ ବିଜ୍ଞାପନଦାତାମାନେ ବିଜ୍ଞାପନ ପାଇଁ ବାଜି ଲଗାଇଥାନ୍ତି। କିନ୍ତୁ ଫୁଟବଲରେ କେବଳ ଗୋଟିଏ ବିରତି ସମୟ ରହିଥାଏ।

ତେଣୁ ପ୍ରସାରକ ବହୁ ମୂଲ୍ୟରେ ପ୍ରସାରଣ ଅଧିକାର କିଣି କ୍ଷତି ସହିବାକୁ ଚାହାନ୍ତି ନାହିଁ। ଭାରତରୁ ଅର୍ଥ ଆୟ ପାଇଁ ହୁଏତ ଜିଓଷ୍ଟାର ଦାଖଲ କରିଥିବା ୨୫ମିଲିୟନ ଡଲାର ବିଡ୍‌କୁ ଫିଫା ଗ୍ରହଣ କରିବ କିମ୍ୱା ନିଜ ଅଫିସିଆଲ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଫିଫାରେ ମ୍ୟାଚ୍‌କୁ ସିଧା ପ୍ରସାରଣ କରିବ। ଅଧିକ ଅର୍ଥ ଆୟ କରିବାକୁ ହେଲେ ଫିଫାକୁ ପ୍ରଥମେ ୟୁଟ୍ୟୁବ୍ ସହ ରହିଥିବା ଡିଜିଟାଲ ଅଧିକାର ଚୁକ୍ତିକୁ ଛିନ୍ନ କରିବାକୁ ହେବ। ଏହାଦ୍ୱାରା ଭାରତୀୟ ଦର୍ଶକ ମ୍ୟାଚ୍‌ର ଝଲକ ପାଇ ପାରିବେ ନାହିଁ। ଯାହା ଫଳରେ ଭାରତୀୟ ପ୍ରସାରକ ଫିଫା ନିର୍ଦ୍ଧାରଣ କରିଥିବା ମୂଲ୍ୟରେ ବିଶ୍ୱକପ୍‌ର ପ୍ରସାରଣ ଅଧିକାର କିଣିବାକୁ ବାଧ୍ୟ ହେବେ। ଫିଫା ଆହ୍ୱାନ କରିଥିବା ରିହାତି ବିଡ୍ ମୂଲ୍ୟ ବଳବତ୍ତର ରହିପାରିବ।



# ଆଜି ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସୋମବାର ଠାରୁ ୨ ଦିନିଆ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ପାଳନ ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ସୋମବାର ସକାଳ ସାଢେ ୬ ଘଟିକା ସମୟରେ ଓଡିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏତଦବ୍ୟତୀତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ସକାଳ ୮ ଘଟିକା ସମୟରେ ଉଦଘାଟିତ ହେବ। ଏହି କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସଂଧ୍ୟା ସମୟରେ ଉତ୍କଳ ମଣ୍ଡପ ଠାରେ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ।

# ଆରୋଗ୍ୟମ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଆ ପକ୍ଷ ଅବସରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ଦିବସରୁ ଓଡ଼ିଆ ନବବର୍ଷ ଯାଏ ପାଳନ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ତରଫରୁ ବରମୁଣ୍ଡା ଫାୟାର ଷ୍ଟେସନ ଛକ ସ୍ଥିତ "ଆରୋଗ୍ୟମ୍ ସ୍ୱାସ୍ଥ୍ୟ କେନ୍ଦ୍ର"ରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିଲା। ଡାକ୍ତର ଅଂଶୁମାନ କର ଓ ଡାକ୍ତର ନିଶାନ୍ତ ପଣ୍ଡା ଏହି ଶିବିରରେ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, କର୍ଣ୍ଣ-ନାସା-ଗଳା ଜନିତ ସମସ୍ତ ରୋଗ ଉପରେ ବିଶେଷଜ୍ଞ ପରାମର୍ଶ ଦେଇ ରୋଗୀଙ୍କୁ ଦେଖିଥିଲେ। ଏହି ଶିବିରର ବିଶେଷ ଭାବରେ ସ୍ଥାନୀୟ ଅଟୋ ଚାଳକ ସଂଘ, ସ୍ଥାନୀୟ ବୟୋଜ୍ୟେଷ୍ଠ ସମାଜ, ମହିଳା ସମାଜ ଓ ବ୍ୟପାରୀ ସଂଘର ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇ ଥିଲେ। ସଂସଦର ମୁଖ୍ୟନ୍ୟାସୀ ଇଂ ରଣଜିତ କର ଶିବିର ଉଦଘାଟନ କରିଥିବା



ବେଳେ ରାଜେଶ କୁମାର ଜାନା, ସନ୍ତୋଷ କୁମାର ସାହୁ ଓ ଜଗନ କୁମାର ରାଉଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ । ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଏବଂ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ ବୋଲି ଓଡିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ରବିବାର ଦିନ ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି – ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ସମୟୋପଯୋଗୀ ଓ ଅର୍ଥପୂର୍ଣ୍ଣ ବୋଲି ବର୍ଣ୍ଣନା କରିବା ସହିତ ଏହା ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ପରିଚୟ ଗଠନରେ ମହିଳାମାନଙ୍କ ଅବଦାନକୁ ସମ୍ମାନିତ କରୁଛି ବୋଲି ରାଜ୍ୟପାଳ ନିଜ ଉଦବୋଧନରେ କହିଥିଲେ ।

ରାଜ୍ୟପାଳ କହିଥିଲେ ଯେ, ମହିଳାମାନେ ପରିବାରର ଭିତ୍ତି, ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନଭୂତିଶୀଳ ଓ ପ୍ରଗତିଶୀଳ



ସମାଜର ନୀରବ ସ୍ଥପତି । ପରିବର୍ତ୍ତିତ ପରିଦୃଶ୍ୟ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଆଜିର ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛନ୍ତି । ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଏବଂ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି ବୋଲି ରାଜ୍ୟପାଳ କହିଥିଲେ । ଏହି ରୂପାନ୍ତରଣ ରାଜ୍ୟ ଓ କେନ୍ଦ୍ରସ୍ତରରେ ପ୍ରଗତିଶୀଳ ନୀତି ଏବଂ ଦୂରଦର୍ଶୀ ନେତୃତ୍ୱ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତିର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ମହିଳାମାନେ ଆର୍ଥିକ, ସାମାଜିକ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କଲେ ହିଁ ସମାବେଶୀ ବିକାଶ ସମ୍ଭବ ।

ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବାକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହା ଶାସନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇ ଗଣତନ୍ତ୍ରକୁ ମଜବୁତ କରିବ ।

ଏତତବ୍ୟତୀତ ରାଜ୍ୟପାଳ ଏହା ମଧ କହିଥିଲେ ଯେ ଓଡ଼ିଆ ଅସ୍ମିତା ରାଜ୍ୟର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ ମହିଳାମାନେ ଏହାର ସଂରକ୍ଷଣ ଓ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ମହିଳା ନେତୃତ୍ୱାଧୀନ ବିକାଶ ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି ।

ଏପରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦ ଟାଇମ୍ସ ଅଫ୍ ଇଣ୍ଡିଆକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ଏହା ସକରାତ୍ମକ ସାମାଜିକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇବ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସମ୍ମାନିତ ହୋଇଥିବା ମହିଳାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମସ୍ତ କ୍ଷେତ୍ରରେ ମହିଳାଙ୍କ ପାଇଁ ସମାନ ସୁଯୋଗ ନିଶ୍ଚିତ କରିବା ପାଇଁ ସମଷ୍ଟିଗତ ପ୍ରୟାସ ପାଇଁ ମାନ୍ୟବର ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ ଦ ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ରେସପନ୍ସ ହେଡ୍ ପ୍ରୋଗ୍ୟାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ୟୁରୋ ଚିଫ୍ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରରେ ରାମାଭିଷେକ ନୀତି ସମ୍ପନ୍ନ

**ପୁରୀ, ନ୍ୟୁଜ ବ୍ୟୁରୋ**

ରବିବାର ବଡ଼ଦେଉଳରେ ମହାପ୍ରଭୁଙ୍କ ରାମାଭିଷେକ ନୀତି ପାଳନ ହୋଇଛି। ଏଥିସହ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ସାହିଯାତର ଶେଷ ପର୍ବ ଅନୁଷ୍ଠିତ ହୋଇଛି। ଯାତର ଶେଷ ଲୀଳାରେ ଗୌଡ଼ବାଡ଼ ସାହି ବାସିନ୍ଦା ସାମିଲ୍ ହୋଇ ଠାକୁରଙ୍କ ନୀତି କରିଥିଲେ । ଶେଷ ଯାତର ମୁଖ୍ୟ ଚରିତ୍ର ପ୍ରତିହାରୀ ହନୁମାନ। ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ନନ୍ଦିଗ୍ରାମ ନିର୍ମାଣ ହୋଇଛି। ଶ୍ରୀରାମ, ଦେବୀ ସୀତା, ଶ୍ରୀ ଲକ୍ଷ୍ମଣ, ଭରତଙ୍କ ସହ ରୁପା କଠଉ, ଶତ୍ରୁଘ୍ନ, ବୈଶିଷ୍ଠ ଋଷି ଓ ହନୁମାନ ଏକତ୍ରିତ ହୋଇ ପଟୁଆରରେ ଶ୍ରୀମନ୍ଦିରରୁ ବାହାରି ନନ୍ଦିଗ୍ରାମଠାରେ ପହଞ୍ଚି ଠାକୁରଙ୍କ ନୀତି କରିଥିଲେ । ଗୌଡ଼ବାଡ଼ ସାହି ଆଖଡ଼ାରୁ ଭରତ, ଶତ୍ରୁଘ୍ନ, ବଶିଷ୍ଠ ଋଷି ଓ ଶ୍ରୀହନୁମାନ ପଟୁଆରରେ ବାହାରିଥିଲେ । ହରଚଣ୍ଡୀ ସାହି ଓ ମଣିକର୍ଣ୍ଣିକା ସାହି ହୋଇ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଦେଇ ବଡ଼ଦେଉଳକୁ ପ୍ରବେଶ କରିଥିଲେ । ଠାକୁରଙ୍କ ସନ୍ଧ୍ୟା ଧୂପ ପରେ ଜୟବିଜୟ ଦ୍ୱାର ନିକଟରେ ବେଶଧାରୀମାନେ



ଦଣ୍ଡାୟମାନ ହୋଇଥିଲେ । ପୂଜାପଣ୍ଡା ସାମନ୍ତ ଠାକୁରଙ୍କ ଆଜ୍ଞାମାଳ ଓ ମେକାପ ଭଣ୍ଡାର ଘରୁ ରୁପା କଠଉ ଆଣି ଭରତଙ୍କ ହସ୍ତକୁ ପ୍ରଦାନ କରିଥିଲେ । ପୂର୍ବରୁ ପଣ୍ଡା ନିଯୋଗ ନିକଟରେ ବିମାନରେ ବିଜେ ହୋଇଥିବେ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ଦେବୀ ସୀତା ଓ ହନୁମାନଙ୍କ ଚଳନ୍ତି ପ୍ରତିମା । ପରେ ସିଂହଦ୍ୱାର ଦେଇ ବେଶଧାରୀଙ୍କ ସହ ଦିଅଁଙ୍କ ପଟୁଆର ନନ୍ଦୀ ଗ୍ରାମ ଯାତ୍ରା କରିବେ । ବଡ଼ଦାଣ୍ଡ ମାର୍କେଟ ଛକ ସ୍ଥିତ ଅସ୍ଥାୟୀ ଚାଞ୍ଚ ଗୃହ ହୋଇଥିବ ନନ୍ଦୀ ଗ୍ରାମ । ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଏପରି ଦିବ୍ୟ ଲୀଳା ଗୌଡ଼ବାଡ଼ ସାହିଆଙ୍କ ପକ୍ଷରୁ ପାଳନ ହେବ। ଏହି ନୀତି ନନ୍ଦୀ ଗ୍ରାମ ଯାତ୍ରା ସେହିଠାରେ ସମ୍ପନ୍ନ ହେବ । ପରେ ଶ୍ରୀରାମଚନ୍ଦ୍ର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ମହାଲକ୍ଷ୍ମୀଙ୍କ ଜଗମୋହନରେ ରାମାଭିଷେକ ନୀତି ସମ୍ପନ୍ନ ହେବ । ଏଥିସହ ଗୌଡ଼ବାଡ଼ ସାହିର ଅଡ଼ଙ୍ଗ ତିଆଡ଼ି, ଖାସ ଓ ଜମାନ ଗଡ଼ ଜାଗା ନାମରେ ତିନି ମେଳ ରହିଛି। ଶେଷ ସାହିଯାତ ଅବସରରେ ଅଡ଼ଙ୍ଗ ତିଆଡ଼ି ଜାଗା ପକ୍ଷରୁ ନିଶାଣ ଶୋଭାଯାତ୍ରା ସହ ଅନ୍ୟ ଜାଗା ପକ୍ଷରୁ ଭୁଆସିକ ବାହାରି ସାହି ଭ୍ରମଣ କରିବେ।

ସେହିପରି ଓଲଟା ଉଡ଼ିଲା ବାନା। ଶ୍ରୀମନ୍ଦିର ନୀଳଚକ୍ର ଉପରେ ପତାକା ଦକ୍ଷିଣରୁ ଉତ୍ତରକୁ ଉଡୁଥିଲା। ହେଲେ ସିଂହଦ୍ୱାର ପାର୍ଶ୍ୱ ଚାଉଣୀ ମଠ ପରିସର ମନ୍ଦିର ଉପରେ ପତାକା ପଶ୍ଚିମରୁ ପୂର୍ବକୁ ଉଡୁଥିଲା। ଶନିବାର ସନ୍ଧ୍ୟାରେ ଏହା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ସେହିଭଳି ଶନିବାର ଶ୍ରୀମନ୍ଦିର ନୀଳଚକ୍ରରେ ଚିଲ ବସିବାର ଦୃଶ୍ୟ ଦେଖି ପୁଣି ଶ୍ରଦ୍ଧାଳୁ ଓ ସେବାୟତଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଦ୍ୱିତୀୟ ଭୋଗ ମଣ୍ଡପ ପରେ ଅର୍ଥାତ୍ ଅପରାହ୍ନ ପ୍ରାୟ ୫ ବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ଅନେକ ସମୟ ଶ୍ରୀମନ୍ଦିର ଚୂଡ଼ାରେ ଏହି ଚିଲ ଚକ୍କର କାଟିବା ପରେ ନୀଳଚକ୍ର ଉପର ପତିତପାବନା ଉପରେ ବସିଥିଲା । ଏନେଇ ବରିଷ୍ଠ ସେବାୟତ ସୁନୀଲ ପୂଜାପଣ୍ଡା କହିଛନ୍ତି, କୋଭିଡ୍ ମହାମାରୀ ପୂର୍ବରୁ ଏପରି ବାରମ୍ବାର ଅଶୁଭ ସଙ୍କେତ ସରକାର ଓ ଲୋକଙ୍କୁ ଚେତାଇ ଦେଉଥିଲା । ଏବେ ପୁନଶ୍ଚ ଏପରି ଦୃଶ୍ୟ ଦେଖାଯିବା ଚେତାବନୀ ବୋଲି ଧରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

# ଶ୍ରୀରାମ ଗ୍ରାମୀଣ ବିକାଶ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ଋତୁରେ ରକ୍ତର ଅଭାବକୁ ଦୂର କରିବା ଏବଂ ସମାଜରେ ସେବା ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଚନ୍ଦକା ସ୍ଥିତ ମଳିପଡ଼ା ଅଞ୍ଚଳର ଶ୍ରୀରାମ ବିହାର ଠାରେ ଏକ ସଫଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଗ୍ରାମୀଣ ବିକାଶ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନରେଟ୍ ପୋଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରହିଥିବା ବେଳେ 'ଜୟ ଓଡ଼ିଶା' ଏବଂ 'ରୋଟାରୀ କ୍ଲବ ଅଫ୍ ଆଇକନ୍ସ' ପକ୍ଷରୁ ସହଯୋଗ କରାଯାଇଥିଲା। ପ୍ରକୃତିର ଖୋଲା ପରିବେଶ ଏବଂ ଖୋଲା ଆକାଶ ତଳେ ଏହି ଶିବିର ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ରକ୍ତଦାତାମାନଙ୍କ ମଧ୍ୟରେ ଥିବା ଉତ୍ସାହ ସମସ୍ତଙ୍କୁ ଚକିତ କରିଥିଲା। ରକ୍ତଦାତାଙ୍କ ନିରନ୍ତର ସହଯୋଗ ଯୋଗୁଁ ଏହି ଶିବିରଟି ଅତ୍ୟନ୍ତ ଶୃଙ୍ଖଳିତ ଓ ସଫଳ ହୋଇଥିଲା। ଶ୍ରୀରାମ ଗ୍ରାମୀଣ ବିକାଶ ସଂଘର ସଭାପତି ଅଶୋକ ରାଣାଙ୍କ ସମାଜ ସେବା ମନବୃତ୍ତି ଏବଂ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ, ମାନସ ରଞ୍ଜନ ଗଡନାୟକ, ଆଡିସନାଲ ଡିସିପି, କମିଶନରେଟ୍ ପୋଲିସ, ଜ୍ୟୋତି ରଞ୍ଜନ ବିଶ୍ୱାସ, ଡିନ୍, ଷ୍ଟୁଡେଣ୍ଟସ ୱେଲଫେୟାର, ସୋଆ ୟୁନିଭର୍ସିଟି, ଶ୍ରୀରାମ ନଗର ବିକାଶ ସଂଘର ସଭାପତି ଅଶୋକ କୁମାର ପ୍ରଧାନ ଉପସଭାପତି ଅଜୟ କୁମାର ଦଳେଇ , କୋଷାଧକ୍ଷ ଉଦ୍ଧବ କୁମାର ସାହୁ ଏବଂ ଆଇନଜୀବୀ ଶ୍ରୀମତି ରଶ୍ମିରେଖା ନାୟକ ଯୋଗ ଦେଇଥିଲେ। ଏହି ଶିବିରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟୀ ଦିଗ ଥିଲା ମହିଳାମାନଙ୍କ ଅଂଶଗ୍ରହଣ। ଶିବିରରେ ୧୦ ଜଣ ମହିଳା ରକ୍ତଦାନ କରି ସମାଜ ପାଇଁ ଏକ ଶ୍ରେଷ୍ଠ ଉଦାହରଣ ସାଜିଛନ୍ତି। ସେମାନଙ୍କର ଏହି ସାହସିକତା





ଅନ୍ୟମାନଙ୍କୁ ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ଉତ୍ସାହିତ କରିଛି। ଏହି ଅବସରରେ, ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି, ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ସାଧାରଣତଃ ରକ୍ତ ଭଣ୍ଡାରରେ ରକ୍ତ ଆଭାବର ସଙ୍କଟ ଦେଖାଦିଏ। ଏହାକୁ ଦୂର କରିବା ପାଇଁ ଆମେ ଏଭଳି ଛୋଟ ଛୋଟ ଶିବିରର ଆୟୋଜନ କରୁଛୁ। ଏହିଭଳି ଭାବେ ଯଦି ପ୍ରତିଟି ଯୁବ ସଂଘ ଆଗେଇ ଆସି ରକ୍ତଦାନ ଶିବିର କରି ୨୦ରୁ ୨୫ ୟୁନିଟ୍ ରକ୍ତ ମଧ ସଂଗ୍ରହ କରିପାରିଲେ ବି ବହୁତ୍ ମୂଲ୍ୟବାନ ହୋଇପାରିବ ଏବଂ ତାହା ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେବ। ଏହା ସହିତ ଶ୍ରୀରାମ ଗ୍ରାମୀଣ ବିକାଶ ସଂଘ ପକ୍ଷରୁ ସମସ୍ତ ରକ୍ତଦାତା, ଅତିଥି ଏବଂ ସହଯୋଗୀ ସଂଗଠନକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପାରାଦୀପ ଷ୍ଟେସନ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଶନିବାର ଦିନ ପାରାଦୀପ ୟାର୍ଡ, ଷ୍ଟେସନ ଏବଂ ଆରଓଏଚ (ରୁଟିନ୍ ଓଭରହଲ୍) ଡିପୋର ଏକ ବ୍ୟାପକ ଯାଂଚ କରିଥିଲେ।ମଂଚେଶ୍ୱରରୁ ପାରାଦୀପ ସେକ୍ସନ ପର୍ଯ୍ୟନ୍ତ ଯାଂଚ କରାଯିବା ସହିତ , ପାରାଦୀପ ଏବଂ ଏହାର ଆଖପାଖ ଅଂଚଳରେ ରେଳ ଭିତିଭୂମି ଏବଂ କାର୍ଯ୍ୟକ୍ଷମ ସୁବିଧାଗୁଡ଼ିକର ବିସ୍ତୃତ ସମୀକ୍ଷା ଏହି ଯାଂଚ ସମୟରେ କରାଯାଇଥିଲା।

ଏକ ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ କେନ୍ଦ୍ର ଭାବରେ ପାରାଦୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏହି ଗସ୍ତ ମୁଖ୍ୟତଃ ବନ୍ଦର ଲଜିଷ୍ଟିକ୍ସ ସହିତ ଜଡିତ ରେଳ ପରିଚାଳନାର ଦକ୍ଷତା, ସୁରକ୍ଷା ଏବଂ କ୍ଷମତା ବୃଦ୍ଧି ଉପରେ



ଧ୍ୟାନ ଦିଆଯାଇଥିଲା ।

ନିରକ୍ଷଣ ସମୟରେ, ମହାପ୍ରବନ୍ଧକ ପ୍ରମୁଖ ଦିଗଗୁଡ଼ିକ ଉପରେ ସମୀକ୍ଷା କରିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା: ୟାର୍ଡ ଲେଆଉଟ୍, ସିଗନାଲିଂ ସିଷ୍ଟମ୍ ଏବଂ ସାମଗ୍ରିକ ପରିଚାଳନା ଦକ୍ଷତା , ଷ୍ଟେସନରେ ଯାତ୍ରୀ ସୁବିଧା ଏବଂ ପରିଷ୍କାର ପରିଚ୍ଛନ୍ନତା. ଆରଏଚଓ ଡିପୋର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ ,ଏବଂ ସୁରକ୍ଷା ପଦକ୍ଷେପ ଏବଂ ନିର୍ଦ୍ଧାରିତ ରେଳ ମାନକ ଅନୁପାଳନ।

ସେ ଏହି ଅଂଚଳରେ ବର୍ଦ୍ଧିତ ପଣ୍ୟ ପରିବହନ ଏବଂ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ସୁରକ୍ଷା ପ୍ରୋଟୋକଲକୁ ମଜବୁତ କରିବା, ଉନ୍ନତ ରକ୍ଷଣାବେକ୍ଷଣ ଅଭ୍ୟାସ ଗ୍ରହଣ କରିବା ଏବଂ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।ବିଭାଗୀୟ ପ୍ରମୁଖ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯାଂଚ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ସ୍ୱଚ୍ଛତାର ଉଚ୍ଚ ମାନ ବଜାୟ ରଖିବା, ରୋଲିଂ ଷ୍ଟକର ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ନିରାପଦ, ଦକ୍ଷ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପାଇଁ ଭିତିଭୂମିର ନିରନ୍ତର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଦ୍ୟାଳୟ ପିଏମ ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ। ଓଡ଼ିଶାର ପ୍ରାୟ ୮୦୦ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି, ଏହି ସ୍କୁଲଗୁଡ଼ିକୁ ଦେଶର ମଡେଲ୍ ଶିକ୍ଷା ପ୍ରତିଷ୍ଠାନ ଭାବେ ବିକଶିତ କରାଯିବ।

ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ୨୦୨୬-୨୭ ବର୍ଷର ବଜେଟ୍ ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ମଧ ଉଦ୍ୟମ ଆରମ୍ଭ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ ଯେ ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି ଏବଂ ବାବା କୁଶଳେଶ୍ୱର ମନ୍ଦିର ଅଞ୍ଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ।

ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆୟୋଜକ କମିଟି ସଭାପତି ହାଡିବନ୍ଧୁ ପଟ୍ଟନାୟକ , ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକମାନେ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଇରାନ ସହ...

ସେହିପରି, କୌଣସି ସମ୍ମତି ବିନା ସେ ଆମେରିକାକୁ ଫେରୁଛନ୍ତି।

ରିପୋର୍ଟ ଅନୁସାରେ, ଉପରାଷ୍ଟ୍ରପତି ଜେଡି ଭାନ୍ସ ରବିବାର ସ୍ଥାନୀୟ ସମୟ ସକାଳ ୭:୦୯ରେ ଏୟାର ଫୋର୍ସ ଟୁ ବିମାନରେ ପାକିସ୍ତାନରୁ ଆମେରିକାକୁ ପ୍ରସ୍ଥାନ କରିଥିଲେ। ଇରାନୀ ଅଧିକାରୀମାନଙ୍କ ସହ ୨୧ ଘଣ୍ଟା ଧରି ଚାଲିଥିବା ଆଲୋଚନା ପରେ ସେ ଏହି ପଦକ୍ଷେପ ନେଇଥିଲେ। ଏହି ଆଲୋଚନା କୌଣସି ସମ୍ମତିକୁ ପହଞ୍ଚିବା ବିନା ଶେଷ ହୋଇଗଲା। ଭାନ୍ସ ରବିବାର ସକାଳେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ ଇରାନ ସର୍ତ୍ତଗୁଡ଼ିକୁ ମାନିବାକୁ ଅସ୍ୱୀକାର କରିଛି। 'ଅପରେସନ୍ ଏପିକ୍ ଫ୍ୟୁରି' ଆରମ୍ଭ ହେବା ପରେ ଏକ ମାସରୁ ଅଧିକ ସମୟ ପରେ, ଉପରାଷ୍ଟ୍ରପତି ଶନିବାର ସକାଳେ ଇରାନ ସହ ଆଲୋଚନାର ନେତୃତ୍ୱ କରିବା ପାଇଁ ପାକିସ୍ତାନ ପହଞ୍ଚିଥିଲେ।

## ଆଶା ଭୋଁସଲେଙ୍କ...

ସଂସ୍କାର ମଧ କରାଯାଇଥିଲା। ଆଶା ଭୋସଲେଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଯେ, ଆଶା ଭୋସଲେ ଜୀଙ୍କ ଦେହାନ୍ତରେ ସଙ୍ଗୀତ ଜଗତରେ ଏକ ବିଶାଳ ଶୂନ୍ୟତା ସୃଷ୍ଟି ହୋଇଛି। ଜଣେ ପ୍ରତିକାତ୍ମକ ଓ ପ୍ରସିଦ୍ଧ ଗାୟିକା ଭାବେ ତାଙ୍କର ଦୀର୍ଘ ସଙ୍ଗୀତମୟ ଯାତ୍ରା ଭାରତୀୟ ସଙ୍ଗୀତର ଏକ ଯୁଗକୁ ପରିଭାଷିତ କରିଛି। ମୁଁ ତାଙ୍କ ସହିତ ବ୍ୟକ୍ତିଗତ ଭାବେ ହୋଇଥିବା ସାକ୍ଷାତ୍କାରର କିଛି ସ୍ମୃତିକୁ ସ୍ମରଣ କରୁଛି।

ଆଶା ଭୋସଲେଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତର ସବୁଠୁ ପ୍ରତିଷ୍ଠିତ ଓ ବହୁମୁଖୀ ସ୍ୱରମାନଙ୍କ ମଧ୍ୟରୁ ଜଣେ ଆଶା ଭୋଁସଲେ ଜୀଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ। ଦଶକ ଧରି ବ୍ୟାପ୍ତ ତାଙ୍କର ଅସାଧାରଣ ସଙ୍ଗୀତମୟ ଯାତ୍ରା ଆମ ସାଂସ୍କୃତିକ ଧରୋହରକୁ ସମୃଦ୍ଧ କରିଛି ଏବଂ ସାରା ପୃଥିବୀର ଅସଂଖ୍ୟ ହୃଦୟକୁ ସ୍ପର୍ଶ କରିଛି। ସେ ଯେଉଁଥିରେ ହେଉ ମଧୁର ଗୀତ କିମ୍ବା ଉତ୍ସାହଭରା ସଙ୍ଗୀତ, ତାଙ୍କର ସ୍ୱର ସର୍ବଦା ଅମର ରହିଛି।

ଆଶା ଭୋଁସଲେଙ୍କ ବିୟୋଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋଁସଲେ ଜୀଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ। ତାଙ୍କର ଅମର ସ୍ୱର କେବଳ ସଙ୍ଗୀତ ନୁହେଁ, ଏହା ଏକ ଭାବନା ଥିଲା ଯାହା ପିଢ଼ି ପରମ୍ପରାକୁ ପରିଭାଷିତ କରିଛି। ତାଙ୍କ ବିଦାୟରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ।

ଏହି ଗଭୀର ଶୋକର ମୁହୂର୍ତ୍ତରେ ମୁଁ ତାଙ୍କର ପରିବାର, ପ୍ରଶଂସକ ଓ ସମଗ୍ର ସଙ୍ଗୀତ ଜଗତଙ୍କ ପ୍ରତି ମୋର ସମବେଦନା ଜଣାଉଛି। ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ତାଙ୍କର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ।

## ଅଦିନିଆ ରଥଯାତ୍ରା ...

ରଥଯାତ୍ରା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ଅନ୍ୟ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ସୂଚନା ମୁତାବକ, ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳ ପୀଠ ପରମ୍ପରାର ବ୍ୟତିକ୍ରମ କରୁଛି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଗଜପତି ମହାରାଜା କହିଛନ୍ତି, ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି।

## ୨୧ରେ ଓଡ଼ିଶା...

ପ୍ଲାନେଟୋରିୟମ, କୋଏଲ ନଗର ମନୋରଞ୍ଜନ ପାର୍କ, ଆଦିବାସୀ ସଂଗ୍ରହାଳୟ (ରାଉରକେଲା-ୱାନ୍) ଉଦଘାଟନ କରିବେ। ସେହି ଦିନ ଅପରାହ୍ନ ୪.୦୫ ମିନିଟ୍ ସମୟରେ ଦ୍ରୌପଦୀ ମୁର୍ମୁ ଦିଲ୍ଲୀ ଫେରିଯିବେ। ରାଷ୍ଟ୍ରପତିଙ୍କ ଦିନିକିଆ ଗସ୍ତ ଅବସରରେ ଜିଲ୍ଲାର ପରମ୍ପରା ଏବଂ ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗ ଦ୍ୱାରା ୩୦ଟି ଷ୍ଟଲ୍ ପ୍ରଦର୍ଶିତ ହେବ।

# ପୁଅ-ଝିଅକୁ ଅତି ନୃଶଂସ ଭାବେ ହାଣିଲା ମା, ତଦନ୍ତ କରୁଛି ପୁଲିସ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ରକ୍ତ ସମ୍ପର୍କରେ ଛିଟା । ପୁଅ-ଝିଅକୁ ଅତି ନୃଶଂସ ଭାବେ ହାଣିଲା ମା । ସୁନ୍ଦରଗଡ଼ ଜିଲ୍ଲା ବିମାନବନ୍ଦର ଥାନା ଟାଙ୍ଗରପାଲି ଗାଁରୁ ଆସିଛି ଏଭଳି ଅଭାବନୀୟ ଘଟଣା । ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛି ପୁଲିସ । ସୂଚନା ଅନୁଯାୟୀ, ଶନବାର ବିଳମ୍ବିତ ରାତିରେ ପରିବାରର ସମସ୍ତେ ଖାଇ ସାରି ଶୋଇବାକୁ ଯାଇଥିଲେ । ଏହି ସମୟରେ ମା' ରଞ୍ଜିତା ଓରାମ ନିଜ ସ୍ୱାମୀଙ୍କୁ ଉଠାଇଥିଲେ । ସ୍ୱାମୀ ଘର କବାଟ ଖୋଲି ବାହାରକୁ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ଭିତର ପଟୁ କବାଟ ବନ୍ଦ କରିଥିଲେ ମା ରଞ୍ଜିତା । କବାଟ ବନ୍ଦ ପରେ ନିଜର ଦୁଇ ଶିଶୁଙ୍କୁ ଟାଙ୍ଗିଆରେ ହାଣିଥିଲେ, ଏହାପରେ ନିଜେ ନିଜ ବେକକୁ କଟୁରୀ ସହାୟତାରେ ହାଣିଥିଲେ । ଦୁଇ ଛୁଆଙ୍କୁ ମାରିବା ପରେ ନିଜ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ ।

ଯାହାକୁ ଦେଖି ସ୍ୱାମୀ ପଡ଼ୋଶୀଙ୍କ ସହାୟତାରେ ଝରକା ତାଡ଼ି ଘର ମଧ ପ୍ରବେଶ କରିଥିଲେ । ଏହାପରେ ତାଙ୍କୁ ଉଦ୍ଧାର କରି ପୁଲିସର ଜିମା ଦେଇଥିଲେ । ଗୁରୁତର ଅବସ୍ଥାରେ ରଞ୍ଜିତାକୁ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କ ଅବସ୍ଥା ଗୁରୁତର ଥିବାକୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପଟେ ବର୍ତ୍ତମାନ ଯାଏଁ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଭାରତର ବିକାଶ ପାଇଁ ମହିଳାଙ୍କୁ ସଶକ୍ତ କରିବା ଜରୁରୀ : ଅପରାଜିତା ଷଡ଼ଙ୍ଗୀ

**କଟକ, ନ୍ୟୁଜ ବ୍ୟୁରୋ**

କଟକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ରବିବାର ସାମ୍ବାଦିକ ସମ୍ମିଳନୀରେ ନାରୀ ଶକ୍ତି ବନ୍ଦନ ଅଧିନିୟମର ସମୟୋଚିତ କାର୍ଯ୍ୟକାରୀତା ପାଇଁ ଦୃଢ଼ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଭାରତର ସମ୍ପୂର୍ଣ୍ଣ ବିକାଶ ପାଇଁ ମହିଳାମାନଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଜରୁରୀ। କଟକ ସର୍କିଟ ହାଉସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ସେପ୍ଟେମ୍ବର ୨୦୨୩ରେ ସଂସଦ ଦ୍ୱାରା ଗୃହୀତ ଏହି ଐତିହାସିକ ଆଇନର ଲକ୍ଷ୍ୟ ହେଉଛି ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ବା ୩୩% ଆସନ ସଂରକ୍ଷଣ କରିବା। ଦେଶର ଜନସଂଖ୍ୟାର ପ୍ରାୟ ୫୦% ମହିଳା ଏବଂ ନୀତି ନିର୍ଦ୍ଧାରଣରେ ସେମାନଙ୍କର ଅଂଶଗ୍ରହଣ ବିନା ଭାରତର ପ୍ରଗତି ଅସମ୍ପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି। ଏହି ଆଇନ ପାରିତ କରିବାର ଶ୍ରେୟ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ଦେଇଛନ୍ତି। ଏହାକୁ ଅନ୍ତର୍ଭୁକ୍ତିମୂଳକ ଶାସନ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି। ୨୦୨୯ ସାଧାରଣ ନିର୍ବାଚନ ସୁଦ୍ଧା ଏହି ଆଇନ କାର୍ଯ୍ୟକାରୀ ହେବା ନେଇ ଏକ ସକାରାତ୍ମକ ରାଜନୈତିକ ପରିବେଶ ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ମହିଳାମାନେ ଆଉ ଅପେକ୍ଷା କରିପାରିବେ ନାହିଁ।

ଓଡ଼ିଶା ଭାସ୍କର

ଭୁବନେଶ୍ୱର, ୧୩ ଅପ୍ରେଲ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ-୨୦୨୬ ପ୍ରତିଯୋଗୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୨।୪ ନ୍ୟୁଜ ବ୍ୟୁରୋ**

ଏପ୍ରିଲ ୧୮ ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତା ରବିବାର କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲ୍‌ର ମହାନିର୍ଦ୍ଦେଶକ ଏସ ଏସ୍ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏଭଳି ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ କିଟ୍ କ୍ୟାମ୍ପସରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆୟୋଜନ କରିଛନ୍ତି।

ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି। ଏହି ପ୍ରତିଯୋଗୀତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍‌ରେ ଦୀର୍ଘ ସମୟ ଅତିବାହିତ କରିବେ। କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ।



# ଭିଜିଲାନ୍ସ ଜାଲରେ ଗୁଡାରି ରେଞ୍ଜର

**ନବରଙ୍ଗପୁର, ୧୨।୪ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଗୁଡାରି ରେଞ୍ଜର। ନବରଙ୍ଗପୁର ସହର ସ୍ଥିତ ନିଜ ବାସଭବନକୁ ବ୍ୟକ୍ତିଗତ ଗାଡ଼ିରେ ଆସୁଥିବା ବେଳେ ଇନ୍ଦ୍ରାବତୀ ବ୍ରିଜ ନିକଟରେ ମାଡି ବସିଲା ଭିଜିଲାନ୍ସ। ରାୟଗଡା ଜିଲ୍ଲା ଗୁଡାରି ରେଞ୍ଜର ସୁକୁମାର ଦୁଖୁ ୨ ଲକ୍ଷ ୩୪ ହଜାର ୮୦୦ ଟଙ୍କା ଧରି ନିଜ ଗାଡ଼ିରେ ନବରଙ୍ଗପୁର ଆସୁଥିଲେ। ନବରଙ୍ଗପୁରର ଇନ୍ଦ୍ରାବତୀ ବ୍ରିଜ ନିକଟରେ ମାଡି ବସିଲା ଭିଜିଲାନ୍ସ। ସୁକୁମାରଙ୍କୁ ଭିଜିଲାନ୍ସ ଟିମ୍ ସାଙ୍ଗରେ ନେଇ ଗୁଡାରି ସରକାରୀ ବାସଭବନରେ ଅଧିକ ତଦନ୍ତ କରୁଛି।

# ଓଡ଼ିଆ ଭାଷା ଆନ୍ଦୋଳନର ମହାନାୟକ ଥିଲେ ଗୌରୀଶଙ୍କର

**ଭୁବନେଶ୍ୱର, ୧୨/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସଂଗ୍ରହାଳୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପର୍କରେ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ କର୍ମବୀର ଗୌରୀଶଙ୍କର ରାୟ ଓଡ଼ିଆ ଭାଷା ଆନ୍ଦୋଳନର ମହାନାୟକ ଥିଲେ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ କର୍ମବୀର ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

ଏହି ଆଲୋଚନା ଚକ୍ରରେ ନିଜର ବକ୍ତବ୍ୟ ରଖି ବିଶିଷ୍ଟ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ସୂଚେଇ ଥିଲେ ଯେ ଓଡ଼ିଶା ଇତିହାସରେ ଏକ ନିଷ୍କ୍ରିୟତା ଓ ନୀରବତାର ପର୍ଯ୍ୟାୟ ଦେଖାଦେଲା, ସେତେବେଳେ ସ୍ୱାଧୀନତା ଓ ଭାଷା ଏବଂ ସଂସ୍କୃତି ହୋଇଥିଲା ବିପନ୍ନ। ଜାତୀୟ ଜୀବନର ବିକାଶ ହେଲା ଅବରୁଦ୍ଧ। ନଅଙ୍କ ଦୁର୍ଭିକ୍ଷ ଓଡ଼ିଶା ବାସୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଦେଲା। ଏହି ସନ୍ଧିକ୍ଷଣରେ ନୂତନ ଆଶା ଦେଇ ଯେଉଁ ବରପୁତ୍ର, ମହାମନିଷୀ ଓଡ଼ିଶାକୁ ଜାତୀୟ ସଙ୍କଟରୁ ରକ୍ଷା କଲେ, ବୁଡିଯାଉଥିବା ଓଡ଼ିଶାକୁ ଉଦ୍ଧାର କଲେ ସେ ଥିଲେ କର୍ମବୀର ଗୌରୀଶଙ୍କର। ଗୀତାରେ କୁହାଯାଇଛି, "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ"। କୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି, 'ହେ ଅର୍ଜୁନ! ଫଳ ପାଇବାର ଆଶା ନରଖି ତୁମେ କର୍ମ କରିଯାଅ," ସେଭଳି ବ୍ୟକ୍ତିତ୍ୱ ଥିଲେ ଗୌରୀଶଙ୍କର। ସବୁକ୍ଷେତ୍ରରେ, ସବୁକାର୍ଯ୍ୟରେ ସେ ନିର୍ଭୀକତା, ସାହସିକତା ଦେଖାଇଥିବାରୁ ଯଥାର୍ଥରେ ତାଙ୍କୁ କୁହାଯାଇଛି କର୍ମବୀର। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ, ଗୌରୀଶଙ୍କରଙ୍କ ଜନ୍ମର ୧୫୦ ତମ ବାର୍ଷିକୀ ଉପଲକ୍ଷେ ଏକ ବାର୍ତ୍ତା ଦେଇ ଯଥାର୍ଥରେ ଉଲ୍ଲେଖ କରିଥିଲେ ଯେ, "To Gourishankar Ray, Work Was Worship"। ଗୌରୀଶଙ୍କର ଭାବୁଥିଲେ, "କର୍ମ ହିଁ ଧର୍ମ, କର୍ମ ହିଁ ଈଶ୍ୱର" ପ୍ରଫେସର ପଟ୍ଟନାୟକ କହିଲେ ଯେ, ଓଡ଼ିଶାର ଉତ୍ଥାନ ଥିଲା ଗୌରୀଶଙ୍କରଙ୍କ ଲକ୍ଷ୍ୟ, ଜାତି ଗଠନ, ସାମାଜିକ ସଂସ୍କାର, ଭାଷା ସାହିତ୍ୟର ସମୃଦ୍ଧି, ସାଂସ୍କୃତିକ ମୂଲ୍ୟବୋଧର ପ୍ରସାର, ଦେଶ ଓ ରାଜ୍ୟର ସ୍ୱାଧୀନତା ଓ ଅଖଣ୍ଡତା ବିଶେଷତଃ ଓଡ଼ିଶାର ଏକତ୍ରୀକରଣ ସହ ନିଜକୁ ସାମିଲ କରିବା ଥିଲା ତାଙ୍କର ପ୍ରତିବଦ୍ଧତା। ଏକତ୍ରୀକରଣ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଗୌରୀଶଙ୍କରଙ୍କ ଅବଦାନ ଓଡ଼ିଆ ଜାତି କେବେବି ଭୁଲି ପାରିବ ନାହିଁ। ୧୮୬୮ ମସିହାରେ ଯେଉଁ ଓଡ଼ିଆ ଭାଷା ଆନ୍ଦୋଳନ ହୋଇଥିଲା ତା'ର ମହାନାୟକ ଥିଲେ ଗୌରୀଶଙ୍କର। ମଧୁସୂଦନ ଦାସ, ଫକୀରମୋହନ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବିଚିତ୍ରାନନ୍ଦ ଦାସ ଆଦି ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଓଡ଼ିଶାରେ ଯେଉଁ ନବଜାଗରଣ ଦେଖା ଦେଇଥିଲା, ତା'ର ସ୍ରୋତକୁ ଉନ୍ମେଷ କରିଥିଲେ ଗୌରୀଶଙ୍କର। ଗୌରୀଶଙ୍କରଙ୍କ ମୁଖ୍ୟ ଅସ୍ତ୍ର ଥିଲା "ଉତ୍କଳ ଦୀପିକା"। ଅର୍ଜୁନଙ୍କ ପାଶୁପତ ଅସ୍ତ୍ର ଭଳି ଏହା ଥିଲା ପ୍ରବଳ ଶକ୍ତିଶାଳୀ। ୧୯୧୯ ମସିହା ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ଗୌରୀଶଙ୍କରଙ୍କ ବିୟୋଗରେ ଶୋକପ୍ରସ୍ତାବ ସମ୍ପର୍କିତ ଭାଷଣ ପ୍ରସଙ୍ଗରେ ଉତ୍କଳଗୌରବ ମଧୁସୂଦନ କହିଥିଲେ, "ଗୌରୀଶଙ୍କର ଉତ୍କଳର ପ୍ରଥମ ସମ୍ବାଦପତ୍ର ପ୍ରକାଶ କଲେ, 'ଉତ୍କଳଦୀପିକା' ଉତ୍କଳର ଏକ ଦୀପଟିଏ।" କୁସଂସ୍କାର ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଓଡ଼ିଶାକୁ ଏହା ଆଲୋକରେ ଉଦ୍ଭାସିତ କରୁଥିଲା। ପ୍ରଫେସର ପଟ୍ଟନାୟକ ମଧ୍ୟ ସରକାରଙ୍କୁ ଅନୁରୋଧ କରି କହିଥିଲେ ଯେ, ଦେଶ ପାଇଁ, ଜାତିପାଇଁ ଗୌରୀଶଙ୍କରଙ୍କ ଭଳି ମହାପୁରୁଷ ନିଜକୁ ଉତ୍ସର୍ଗ କରିଛନ୍ତି, ତାଙ୍କୁ ସ୍ମରଣ କରି ତାଙ୍କ ଦର୍ଶନ, କାର୍ଯ୍ୟକୁ ସଂରକ୍ଷଣ କରିବା କଥା ନୁହେଁ କି ? ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ କମ୍ପାନି କୋଠାଟି ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ। ପାଚେରୀ ସହ ସବୁ ଭାଙ୍ଗି ପଡିଲାଣି। ଏହା ବର୍ତ୍ତମାନ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ଏହାର ସୁରକ୍ଷା ଓ ସଂରକ୍ଷଣ କ'ଣ ଆମର କର୍ତ୍ତବ୍ୟ ନୁହେଁ ? ତେଣୁ ସରକାର ଏ ବିଷୟରେ ଦୃଷ୍ଟିଦେଇ ଏହାକୁ ସଂରକ୍ଷଣ କରି ସଂଗ୍ରହାଳୟଟିଏ ପ୍ରତିଷ୍ଠା କଲେ ଏହା ହେବ ଗୌରୀଶଙ୍କରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଏହି ଆଲୋଚନାଚକ୍ରରେ ଉଦୟ ଶଙ୍କର ରାୟ ମଧ୍ୟ ଉପସ୍ଥିତ ଥିଲେ।



ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସଂଗ୍ରହାଳୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଉପରେ ଆୟୋଜିତ ହୋଇଥିବା ଆଲୋଚନା ଚକ୍ରରେ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ଅଧୀକ୍ଷକ ଡକ୍ଟର ଭାରତୀ ପାଲ ସମ୍ବର୍ଦ୍ଧିତ କରୁଛନ୍ତି।

# ଅକ୍ଷୟ ତୃତୀୟାରେ ଆରମ୍ଭ ହେବ ରଥ ନିର୍ମାଣ, ରଥଖଳାକୁ ନଜର ରଖିବ ୧୪ ସିସିଟିଭି

**ପୁରୀ, ୧୨/୦୪ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦ ତାରିଖରେ ଅକ୍ଷୟ ତୃତୀୟା। ଏହି ଦିନଠାରୁ ରଥ ନିର୍ମାଣ ପ୍ରକ୍ରିୟା ଜୋରଦାର୍ ହେବ। ଏଥିନିମନ୍ତେ ଶ୍ରୀମନ୍ଦିର ନିକଟ ରଥଖଳାରେ ଶିବିର ନିର୍ମାଣ ହେଉଛି। ଛାଇରେ ବସି ବିଶ୍ୱକର୍ମା ମହାରଣା, ରୂପକାର ଓ ଅନ୍ୟ ସେବାୟତମାନେ ରଥ ନିର୍ମାଣ କରିବେ। ଚଳିତ ବର୍ଷ ରଥଖଳା ସୁରକ୍ଷା ନିମନ୍ତେ ପ୍ରଶାସନ ଅଧିକ ତତ୍ପରତା ଦେଖାଇଛି। ରଥଖଳାକୁ ଜଗିବା ନିମନ୍ତେ ୧୨ଟି ଅତ୍ୟାଧୁନିକ ସିସିଟିଭି ସହ ଆଉ ୨ଟି ପିଜିଟି କ୍ୟାମେରାକୁ ମିଶାଇ ମୋଟ ୧୪ଟି ସିସିଟିଭି ଲାଗିବ। ଯାହା ତାରବିହୀନ ଭାବେ ନେଟୱାର୍କ ସହ କାମ କରିବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହାର କଣ୍ଟ୍ରୋଲ ରୁମ୍ ରହିବ। ଆସନ୍ତା ୩ ମାସ ଅର୍ଥାତ୍ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଏହି କ୍ୟାମେରା ଆଗ୍ରହୀ ସଂସ୍ଥା ଜରିଆରେ ଲଗାଇବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ଆରମ୍ଭ କରିଛି। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ସେହିଭଳି ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ଏଥିପାଇଁ ମଧ୍ୟ ସମସ୍ତ ପ୍ରସ୍ତୁତି କରାଯାଉଛି। ନରେନ୍ଦ୍ର ସରୋବରରେ ନନ୍ଦା ଓ ଭଦ୍ରା ଚାପରେ ନୌକାବିହାର କରିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚୁ ପାଣ୍ଡବ। ଏଥିପାଇ ମହାରଣା ସେବକ ଓ ରୂପକାର ସେବକ ନନ୍ଦା ଓ ଭଦ୍ରା ଚାପକୁ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ସୂଚନା ଯୋଗ୍ୟ, 'ଚନ୍ଦନଯାତ୍ରା' ହେଉଛି ଶ୍ରୀମନ୍ଦିରରେ ସବୁଠାରୁ ଅଧିକ ଦିନ ଧରି ପାଳିତ ହେଉଥିବା ପର୍ବ। ପ୍ରଭୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇବା ପାଇଁ ଏହି ଯାତ୍ରା କରିଥାନ୍ତି। ଯାହା ମୋଟ ୪୨ ଦିନ ଧରି ପାଳିତ ହୋଇଥାଏ। ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ, ପ୍ରଥମ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ ଦିନ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ରୂପେ ପାଳିତ ହୋଇଥାଏ।

15001/10/2627

## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ

ତା. ୧୩-୦୪-୨୦୨୬ ରିଖ

**ସକାଳ ଅଧିବେଶନ / ଘ. ୬.୩୦ ମିନିଟ୍**

ମୁଖ୍ୟ ଅତିଥି:- ଶ୍ରୀମତୀ ସୁରମା ପାଢ଼ୀ, ମାନନୀୟା ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୯ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସ୍ଥାନ: ଜୟଦେବ ଭବନ

ପୂର୍ବାହ୍ନ ୧୦ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
ସ୍ଥାନ: ରବୀନ୍ଦ୍ର ମଣ୍ଡପ ଅଡିଟୋରିୟମ୍

**ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା**
**ସ୍ଥାନ: ଉତ୍କଳ ମଣ୍ଡପ / ତା ୧୩.୦୪.୨୦୨୬ ରିଖ**

ମୁଖ୍ୟ ଅତିଥି:- ଡ. ହରି ବାବୁ କମ୍ଭମପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ-୨୦୨୬" ପ୍ରଦାନ

**ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ**

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଏକାମ୍ର)
ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହ୍ନେଇ, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ) ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ (ଭା.ପ୍ର.ସେ) ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଭା.ପ୍ର.ସେ) ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ (ଭା.ପୁ.ସେ), ପୋଲିସ କମିଶନର, କଟକ-ଭୁବନେଶ୍ୱର
ଶ୍ରୀଯୁକ୍ତ ଚଞ୍ଚଳ ରାଣା (ଭା.ପ୍ର.ସେ), କମିଶନର, ବିଏମ୍‌ସି ତଥା ଉପାଧ୍ୟକ୍ଷ, ବିଡ଼ିଏ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍
ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ (ଭା.ପ୍ର.ସେ), ଜିଲ୍ଲାପାଳ, ଖୋର୍ଦ୍ଧା

**ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି**

ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

**ତା. ୧୪.୦୪.୨୦୨୬ ରିଖ, ମଙ୍ଗଳବାର (ଦ୍ୱିତୀୟ ଦିବସ ସମାରୋହ)**
**ସନ୍ଧ୍ୟା ଅଧିବେଶନ ସ୍ଥାନ : ଉତ୍କଳ ମଣ୍ଡପ,** ସମୟ: ୬ ଘଟିକା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୬ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି।



OIPR-15001/15001/2/26-27/0010

10001/39/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0003